## ଘରେ ପଶି ବାରହା ଆକ୍ରମଣ, ୩ ଗୁରୁତର

ମହାକାଳପଡ଼ା (ଡି.ଏନ.ଏ.): ମହାକାଳପଡା ବ୍ଲକ ବଟାଘର ପଞ୍ଚାୟତର କୋଟିଲା ବେଲାରୀ ଗାଁରେ ବାରହା ଘରେ ପଶି ୩ ଜଣଙ୍କୁ ଆକ୍ରମଣ କରିଛି। ଗୁରୁତର ଅବସ୍ଥାରେ ୩ ଜଣଙ୍କୁ ବଟାଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ଏମାନଙ୍କର ଗୋଡ଼, ହାତ ପିଠିରେ ଆମ୍ପୁଡ଼ି କ୍ଷତ ଚିହ୍ନ ରହିଛି। ସେମାନେ ହେଲେ ସନାତନ ବେରା, ରହିମ ଖାଁ, ଜଣେ ରହିମଙ୍କ ନାତି ବୋଲି ଜଣାପଡିଛି।

# ୬୩ ଲକ୍ଷ କାମ: ୬ ମାସ ନ ପୂରୁଣୁ ପୁଣି ୨୪ ଲକ୍ଷ

**ପଟ୍ଟାମୁଣ୍ଡାଇ-ମଦନପୁର ଉତିକଣ ବନ୍ୟା ବନ୍ଧ ରାସ୍ତା**

**ପଟ୍ଟାମୁଣ୍ଡାଇ,୬।୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଦଶ ହଜାରୀ ଉତିକଣ ବନ୍ୟାବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୬୩ ଲକ୍ଷ ଟଙ୍କାର କାମ ହୋଇଛି ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ସେହି ରାସ୍ତା ୬ ମାସ ନ ପୂରୁଣୁ ଗର୍ତ୍ତ ସୃଷ୍ଟି ହୋଇଯିବାରୁ ଯାତାୟାତରେ ବାଧା ଉପୁଜୁଛି। ଏବେ ସେହି ରାସ୍ତାରେ ପୁଣି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ନୂଆ କାମ ହେଉଛି। ପଟ୍ଟାମୁଣ୍ଡାଇଠାରୁ ମଦନପୁର ପର୍ଯ୍ୟନ୍ତ ୧୫ କିମି ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ନାବାର୍ଡ ଅନୁଦାନ ଅର୍ଥ ୧୩ କୋଟି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ପ୍ରଶସ୍ତୀକରଣ ଓ ପିଚୁ କରାଯିବା କଥା। ୨୦୧୮ ଅକ୍ଟୋବର ୧୫ରେ କାମ ଆରମ୍ଭ ହୋଇ ୨୦୧୯ ଏପ୍ରିଲରେ କାର୍ଯ୍ୟ ଶେଷ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ତାହା ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉତିକଣ ବନ୍ୟାବନ୍ଧ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ୧୯୮୪ରେ ତତ୍କାଳୀନ ସରକାର, ବିଭାଗୀୟ କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ। ସେହିଦିନଠାରୁ ରାସ୍ତାର ପିଚୁ କାମ ଓ ମରାମତି ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। ବନ୍ୟାବନ୍ଧ କଡ଼ରେ ପ୍ରଶସ୍ତୀକରଣ ଘେରିବନ୍ଧ ପଥର ପ୍ୟାକିଂ କାର୍ଯ୍ୟ ଜଳସମ୍ପଦ ବିଭାଗ ନିର୍ମାଣ କରୁଛି। ବନ୍ୟାବନ୍ଧ ରାସ୍ତାର ମରାମତି ଅଭାବରୁ ପିଚୁ ଉଠି ଆଣ୍ଠୁଏ ଲେଖାଏ ଖାଲଖମାରେ ପରିଣତ ହୋଇଛି। ଫଳରେ ବନ୍ୟାବନ୍ଧ ଦେଇ ପ୍ରତିଦିନ ରାଜନଗର ଯାତାୟାତ କରୁଥିବା ୧୨ରୁ ଅଧିକ ଯାତ୍ରୀବାହୀ ବସ୍ ଏବେ ବନ୍ଦ ହୋଇଯାଇଛି। ଫଳରେ ନଦୀବନ୍ଧର ଉଭୟପାର୍ଶ୍ୱରେ ଥିବା ପ୍ରାୟ ୩୨ଟି ଗ୍ରାମର ୫୦ ହଜାର ଲୋକ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି। ରାସ୍ତା ଶୋଚନୀୟ ହୋଇପଡ଼ିଥିବାରୁ ୪ ଚକିଆ ଓ ୨ ଚକିଆ ଯାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି।


ନିର୍ମାଣ ପରେ ରାସ୍ତାରୁ ଗୋଡି ଉଠିଯାଇଛି।

କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ-୧ ଅଧୀନରେ ଥିବା ବ୍ରାହ୍ମଣୀ ନଦୀ ବନ୍ୟା ନିରୋଧକ ବନ୍ଧ ରହିଛି। ଏହାର ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାକୁ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ ଓ ମରାମତି କରାଯାଇଥିବା କାଗଜପତ୍ରରେ ଦର୍ଶାଇ ଲକ୍ଷାଧିକ ଟଙ୍କା ଚଳୁ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଥିଲା। ଏ ନେଇ ତଥ୍ୟଭିତ୍ତିକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତରବରିଆ ଭାବେ ବିଦ୍ୟୁତ୍ ଅଫିସ୍ ପୋଲ ପାଖରୁ ନୂଆଗାଁ ପର୍ଯ୍ୟନ୍ତ ୨୪ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ମରାମତି ହୋଇଥିଲା। ଏବେ ପୁଣି ସେହିସବୁ ସ୍ଥାନରେ ପିଚୁରୁ ଗୋଡ଼ି ଉଠି ଚଳପ୍ରଚଳରେ ବାଧା ହେଉଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଏପରି ସମସ୍ୟା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତାକୁ ଚଳାଚଳ ଉପଯୋଗୀ କରିବା ପାଇଁ ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ସଂସାରଫଳ, ଖଣତା, ଚନ୍ଦନନଗର ପ୍ରଭୃତି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡର ଲୋକ ଦାବି କରିଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଲୋକମାନେ ରାସ୍ତାକୁ ଓହ୍ଲାଇବେ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହ ନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ନାୟକଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟରେ ଅନିୟମିତତା ନାହିଁ। ଗାଡ଼ିର ଭାଇବ୍ରେଶନକୁ ଏଠାରେ ଥିବା ମାଟି ସହ୍ୟ କରିପାରୁନାହିଁ। ସେଥିପାଇଁ ରାସ୍ତା ଖରାପ ହୋଇଯାଉଛି। ବନ୍ୟାବନ୍ଧ ରାସ୍ତା ନିର୍ମାଣ ପାଇଁ ୨୦ କୋଟି ଟଙ୍କାର ଟେଣ୍ଡର ହୋଇଛି, ସବୁଦିନିଆ ରାସ୍ତା ହୋଇଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅଭିଭାବକଙ୍କ ପ୍ରତି ଆତ୍ମବିଶ୍ୱାସ ଜାଗ୍ରତ କର

**ରଘୁନାଥପୁର,୬।୧(ଡି.ଏନ.ଏ.):** ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା, ରଘୁନାଥପୁର ବ୍ଲକ ଶାଖା ପକ୍ଷରୁ ଜଇପୁରଠାରେ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କିତ ଆଲୋଚନା ଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଇପୁର କ୍ଲଷ୍ଟର ସିଆରସିସି ବିରୂପାକ୍ଷ ସେଠୀ ସଭାରେ ପୌରୋହିତ୍ୟ କରିଥିଲେ। ରଘୁନାଥପୁର ବ୍ଲକ ଶିକ୍ଷାଅଧିକାରୀ ବିଜୟ କୁମାର ସ୍ୱାଇଁ ସଭା ଉଦଘାଟନ କରି ଗ୍ରାମାଞ୍ଚଳର ଅଭିଭାବକଙ୍କ ପ୍ରତି ଶିକ୍ଷକମାନେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଫଳରେ ସରକାରୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସ୍ୱାଇଁ କହିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ବିରିଡି ବ୍ଲକ ଶିକ୍ଷା ଅଧିକାରୀ ସର୍ବେଶ୍ୱର ବିଶ୍ୱାଳ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏଥିରେ ବିଭୁପ୍ରସାଦ ସାହୁ, ଗୋପାଳ ସେନ, ଜୟପ୍ରକାଶ ପଣ୍ଡା, ଟୁଲୁ ମହାନ୍ତି, ନିର୍ମଳେନ୍ଦୁ ସୋମ, ବ୍ଲକ ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା, ବିଶ୍ୱନାଥ ଦାସ, ଭାସ୍କର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ମାସେ ମଧ୍ୟରେ ବ୍ଲକ ସଂଘ ପୁନର୍ଗଠନ କରି ତାଲିକା ପ୍ରଦାନ ପାଇଁ ରାଜ୍ୟ ସଂଘ ସଭାପତି ମହାରଣା କହିଥିଲେ।

### ବିଜେଡି କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

**ରାଜନଗର,୬।୧(ଡି.ଏନ.ଏ.):** ଉପକୂଳ ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ବାରଗାଁର ମା' ମାଟିଆମଙ୍ଗଳାଙ୍କ ପୀଠରୁ ବିଜେଡି ତା'ର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଆରମ୍ଭ କରିଛି। ଗୁରୁବାର ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ ଅନୁଷ୍ଠିତ ହେବା ସହ ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ୨୦୨୪ ପୂର୍ବରୁ କଚ୍ଚା ଘରେ ଥିବା ସମସ୍ତେ କୋଠାଘର ପାଇବେ ବୋଲି କହିଥିଲେ। ସମ୍ମିଳନୀରେ ସରପଞ୍ଚ ପୁଷ୍ପଲତା ପ୍ରଧାନ, ସମିତିସଭ୍ୟ ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ସ୍ୱାଇଁ, ମୋହନ ଚନ୍ଦ୍ର ବିଶ୍ୱାଳ, କାହ୍ନୁ ଚରଣ ଚଣ୍ଡ, ରମେଶ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନୋଜ କୁମାର ରାଉତ, ବିଜୟ କୁମାର ଦାସ, କାହ୍ନୁ ଚରଣ ଦାସ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ।

### ସୁପର ସ୍ପେଶାଲିଟି ଚିକିତ୍ସାଳୟ ଦାବି

**ରାହାମା,୬।୧(ଡି.ଏନ୍.ଏ.):** ରାହାମାସ୍ଥିତ ପ୍ରତାପ ଚନ୍ଦ୍ର ସ୍ମାରକୀ ସାଥୀ କେନ୍ଦ୍ରକୁ ୧୦୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଶାଲିଟି ଚିକିତ୍ସାଳୟ ବା ସବ୍ ଡିଭିଜନାଲ ଚିକିତ୍ସାଳୟ କରିବା ପାଇଁ ଗୁରୁବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ସଚିବ, ଜିଲାପାଳ, ବିଧାୟକ, ଏମ୍‌ପିଙ୍କୁ ଦାବିପତ୍ର ପଠାଯାଇଛି। ସେମାନଙ୍କ ଦାବି ମୁତାବକ, ଏହି ସାଥୀ କେନ୍ଦ୍ର ଉପରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାର ୭୦ଟି ପଞ୍ଚାୟତ ନିର୍ଭରଶୀଳ। ପୂର୍ବରୁ ଏସମ୍ପର୍କରେ ଏକାଧିକବାର ଦାବି କରାଯାଇଥିଲା। ୫।୨।୨୨ମଧ୍ୟରେ ଏଥିପାଇଁ ମଞ୍ଜୁରି ଦିଆ ନ ଗଲେ ୭।୨।୨୨ରୁ ଗଣଆନ୍ଦୋଳନ, ରାସ୍ତାରୋକୋ, ରେଳରୋକୋ କରାଯିବା ସହ ପଞ୍ଚାୟତ ନିର୍ବାଚନ ବର୍ଜନ କରିବା ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ବୋଲି କମିଟିର ମୁଖ୍ୟ ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଅଜୟ କୁମାର ସାହୁ, ରବି ନାରାୟଣ ସାହୁ, ସୁନାକର ବେହେରା, ଗଙ୍ଗାଧର ପରିଡା, ଅଶୋକ ଚୌଧୁରୀଙ୍କ ସମେତ ରାହାମା ପ୍ରେସ କ୍ଲବ ଓ ବଜାର କମିଟି ଏହାକୁ ସମର୍ଥନ ଜଣାଇଛନ୍ତି।

### ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ବାଦ୍ ନେଇ ଭାଜପାର ବିକ୍ଷୋଭ

**ରଘୁନାଥପୁର,୬।୧(ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନରେ ଓବିସି ବର୍ଗଙ୍କ ସିଟ ସଂରକ୍ଷଣରେ ରାଜ୍ୟ ସରକାର ବାଦ ଦେବା ବିରୋଧରେ ରଘୁନାଥପୁର ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦିଆଯାଇଥିଲା। ଓବିସି ମୋର୍ଚ୍ଚା ସଭାପତି ସୁବୋଧ କୁମାର ବାରିକ ଏହାର ନେତୃତ୍ୱ ନେଇଥିଲେ। ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ଜିଲା ସମ୍ପାଦକ ଜଗନାଥ ଦାସ, ଜ୍ୟୋତିରଞ୍ଜନ ସାହୁ, ସତ୍ୟବ୍ରତ ରଣା ପ୍ରମୁଖ ରାଜ୍ୟ ସରକାର ହାଇକୋର୍ଟର ଆଳ ଦେଖାଇ ଓବିସି ବର୍ଗଙ୍କ ପ୍ରତି ବୈମାତୃକ ମାନଭାବ ପୋଷଣ କରୁଥିବା ଆରୋପ କରିଥିଲେ। ଏଣୁ ନିର୍ବାଚନ ସଂରକ୍ଷଣ ଆଧାରରେ ପ୍ରତିନିଧିତ୍ୱ କରିବାକୁ ଦିଆଯାଇଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବାକୁ ବକ୍ତାମାନେ ଦାବି କରିଥିଲେ।

## କୁମ୍ଭୀର ଗଣନାରେ ସାମିଲ ହେଲେ ଛାତ୍ରୀଛାତ୍ର

**ରାଜନଗର, ୬।୧(ଡି.ଏନ.ଏ.)**

ଭିତରକନିକା ଭିତରେ ଓ ବାହାରେ ଥିବା ନଦୀ ନାଳରେ ଗୁରୁବାରଠାରୁ କୁମ୍ଭୀର ଗଣନା ଆରମ୍ଭ ହୋଇଛି। ଏଥିରେ ୨୨ଟି ଟିମ୍ ସାମିଲ ହୋଇ କୁମ୍ଭୀର ଗଣନା କରୁଛନ୍ତି। ଗଣନାକାରୀ ବନ କର୍ମଚାରୀଙ୍କ ସହ ସହ ପ୍ରଥମଥର ପାଇଁ ବଉଳା କୁମ୍ଭୀର ଗଣନାରେ ପ୍ରାଣୀ ବିଜ୍ଞାନର ସ୍ନାତକ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି। ସେମାନେ ଖୋଲା ମାଉଥରୁ ଡାଙ୍ଗମାଳ ଯାଏ କୁମ୍ଭୀର ଗଣନା କରିଥିଲେ। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନର ପ୍ରାଧାପକ ପ୍ରଶାନ୍ତ କୁମାରଙ୍କ ସହ ୧୧ଜଣ ଛାତ୍ରୀଛାତ୍ର ବୁଧବାର କୁମ୍ଭୀର ଗଣନା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। କିପରି କୁମ୍ଭୀର ଗଣନା ହୁଏ, ସେ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ଗୁରୁବାର କୁମ୍ଭୀର ଗଣନା କରିବା ସହ ଗୋଟିଏ ଦିନରେ ୨୬ଟି କୁମ୍ଭୀର ଗଣନା କରିଛନ୍ତି। କୁମ୍ଭୀର ଗଣନାକାରୀ ଟିମ୍ ସହ କୁମ୍ଭୀର ବିଶାରଦ ଡ. ସୁଧାକର କର ଏବଂ ପ୍ରାଣୀ ବୈଜ୍ଞାନିକ ଭକ୍ତ ପ୍ରସାଦ ରଥ, ନିମାଇଁ ପଲାଇ ପ୍ରମୁଖ ସାମିଲ ହୋଇ ଛାତ୍ରୀଛାତ୍ରମାନଙ୍କୁ କିପରି କୁମ୍ଭୀର ଗଣନା ହୁଏ ପ୍ରାକ୍ଟିକାଲରେ ଦେଖାଇଥିଲେ। ଛାତ୍ରୀଛାତ୍ରମାନେ କୁମ୍ଭୀର ଗଣନା ପ୍ରକ୍ରିୟା ଶିଖିବା ସହ ନିଜେ କୁମ୍ଭୀର ଗଣନା କରି ଏହା କେତେ ଫୁଟ ଲମ୍ବର ତାହା ରିପୋର୍ଟରେ ଉଲ୍ଲେଖ କରିଥିଲେ।


ପ୍ରାଣୀ ବିଜ୍ଞାନ ଛାତ୍ରୀଛାତ୍ର କୁମ୍ଭୀର ଗଣନାରେ ସାମିଲ ହୋଇଛନ୍ତି।

## କଟକଣାରେ ହେବ ସାଧାରଣତନ୍ତ୍ର ଦିବସ


ସଭାଗୃହରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ, ୬।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ପୌରୋହିତ୍ୟ କରି ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଜାନୁୟାରୀ ୨୬ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ପୋଲିସ ବ୍ୟାଣ୍ଡ ମାଧ୍ୟମରେ ଜାତୀୟ ସଙ୍ଗୀତ ଗାନ କରାଯିବ। କେବଳ ପୋଲିସ କଣ୍ଟିଜେଣ୍ଟମାନେ ପରେଡରେ ଅଂଶଗ୍ରହଣ କରିବେ। ସାଧାରଣ ଲୋକଙ୍କୁ ଏହି ଉତ୍ସବରେ ଯୋଗଦେବାକୁ ବାରଣ କରାଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସୀମିତ ସଂଖ୍ୟକ ଅତିଥି, କୋଭିଡ ଯୋଦ୍ଧା ଯଥା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ପରିମଳ କର୍ମଚାରୀଙ୍କୁ ଉତ୍ସବରେ ଯୋଗଦେବାକୁ ଇ-ନିମନ୍ତ୍ରଣ ପଠାଯିବ। ଉତ୍ସବସ୍ଥଳକୁ ଅଗ୍ନିଶମ ବିଭାଗ ଦ୍ୱାରା ସାନିଟାଇଜ୍ କରାଯିବ। ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୪ଟା ୩୦ରେ ରାମଧୂନ ପରିବେଷଣ କରାଯିବ। ଏଥିସହ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଆଲୋକ ସଜା, ବିଭିନ୍ନ ବିଭାଗ ଓ ବ୍ୟାଙ୍କ ପକ୍ଷରୁ ପ୍ରମୁଖ ସ୍ଥାନରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ବକ୍ସ ଆକୃତିର ତୋରଣ ନିର୍ମାଣ ହେବ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପରେଡ ପରିଚାଳନା କରିବେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଡିଏସ୍‌ପି (ଡିଆଇବି) ରଜନୀକାନ୍ତ ସାମଲଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲୁଣିମାଠିଆରେ ସିନ୍ଥେଟିକ ବ୍ୟାଡ୍‌ମିଣ୍ଟନ, ଭଲିବଲ କୋର୍ଟ

**ମହାକାଳପଡ଼ା,୬।୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଚ୍ଛେଲା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଲୁଣିମାଠିଆ ଗାଁ ପଡ଼ିଆରେ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟର ପ୍ରଥମ ଆକ୍ରିଲିକ୍ ସିନ୍ଥେଟିକ ବ୍ୟାଡ ମିଣ୍ଟନ କୋର୍ଟ ନିର୍ମାଣ ହୋଇଛି। ଏହି ଗାଁର ଅନେକ ଲୁକ୍କାୟିତ ପ୍ରତିଭାବାନ ଯୁବ କ୍ରୀଡାବିତ ବ୍ୟାଡମିଣ୍ଟନ ଖେଳ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ସ୍ଥାନୀୟ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉଦ୍ୟମରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଏହା ସ୍ୱତନ୍ତ୍ର ଭାବେ ନିର୍ମାଣ ହୋଇଛି। ଏହି କୋର୍ଟକୁ କୋଲକାତାରୁ ଆସିଥିବା କାରିଗର ନିର୍ମାଣ କରିଛନ୍ତି। ଏହି ପଡ଼ିଆରେ ଆଦିବାସୀ ଯୁବ କ୍ରୀଡାବିତଙ୍କୁ ଉନ୍ନତ ମାନର ତାଲିମ ପ୍ରଦାନ କରାଗଲେ ବହୁ ପ୍ରତିଭାବାନ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତ ପ୍ରଦର୍ଶନ କରିବେ ବୋଲି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନଳିନୀକାନ୍ତ ଚୌଧୁରୀ ପ୍ରମୁଖ କହିଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ବିଡିଓ ଦେବାଶିଷ ରାଉତ ଓ ଯନ୍ତ୍ରୀ ମନୋଜ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି। ଏହି ଖେଳପଡିଆ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସମକକ୍ଷ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ ଯୋଗେ ପ୍ରଶାସନକୁ ପ୍ରଶଂସା କରାଯାଇଛି ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ଲୁଣିମାଠିଆ ଆଦିବାସୀପଡ଼ିଆରେ ଅତ୍ୟାଧୁନିକ ସିନ୍ଥେଟିକ ଭଲିବଲ ଓ ବ୍ୟାଡ୍‌ମିଣ୍ଟନ କୋର୍ଟ ନିର୍ମିତ।

## କରୋନା ଭୟ: ଦିନକ ପୂର୍ବରୁ ବନ୍ଦ ହେଲା ପଲ୍ଲିଶ୍ରୀ ମେଳା

**ପାରାଦୀପ,୬।୧(ସ୍ୱ.ପ୍ର.)**

ପାରାଦୀପ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାକୁ ଗୁରୁବାର ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ମେଳା ଶେଷ ହେବାର ଦିନକ ପୂର୍ବରୁ କରୋନା କଟକଣା ଓ ରାତ୍ରି କାଳୀନ କର୍ଫ୍ୟୁ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ବେଳାଭୂମିରେ ଗତ ୪ରୁ ପଲ୍ଲିଶ୍ରୀ ମେଳା ଚାଲିଥିଲା। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ମେଳାରେ ଅସମ୍ଭାଳ ଭିଡ ହେବା ନେଇ ଭିନ୍ନ ଗଣମାଧ୍ୟମରେ ପ୍ରଚାର ହେବାପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ

**ପାଟକୁରା, ୬।୧(ଡି.ଏନ୍.ଏ.)**

ପାଟକୁରା ଉନ୍ନୀତ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ପାଟକୁରା ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲା ଅଧ୍ୟକ୍ଷତା କରିଥିଲେ। ଏଥିରେ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ନିରଞ୍ଜନ କର ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ଅନୁଦାନ ସହ ସ୍ୱାସ୍ଥ୍ୟକେନ୍ଦ୍ରର ବହୁବିଧ ଉନ୍ନତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରୋଗୀ କଲ୍ୟାଣ ସମିତିରେ ଥିବା ୧୦ ଲକ୍ଷ ଅନୁଦାନକୁ ବ୍ଲଡ୍ ବ୍ୟାଙ୍କ ପାଇଁ ଆବଶ୍ୟକ ସରଞ୍ଜାମ, ଲେବର ରୁମ୍ ଲାଗି ଫ୍ୟାନ୍, ଶୁଦ୍ଧ ପାନୀୟ ଜଳ, ସୌନ୍ଦର୍ଯ୍ୟକରଣ, ସ୍ୱାସ୍ଥ୍ୟ ଉପକରଣ, ପରିମଳ, ବିଦ୍ୟୁତ୍ ଯୋଗାଣ ସହିତ ରୋଗୀଙ୍କୁ ଖାଦ୍ୟ ବାବଦରେ ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଥିଲା। ଏହାବ୍ୟତୀତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଡିଜେ ଲଗାଇବାକୁ ଆବଶ୍ୟକ ହେଉଥିବା ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଧାୟକଙ୍କ ଫାଣ୍ଡିରୁ ଦେବାକୁ ତାଙ୍କ ପ୍ରତିନିଧି ଅଗ୍ରୱାଲା କହିଥିଲେ। ଏଥିସହ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୨୦୦ରୁ ଅଧିକ ରୋଗୀ ଆସୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପୁରୁଣା ଆଇସୋଲେସନ ଗୃହ (ଡାଇରିଆ ୱାର୍ଡ)କୁ ଭାଙ୍ଗି ସେଠାରେ ୪ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ମଲ୍ଟି ଷ୍ଟୋରିଏଡ୍ ବିଲ୍‌ଡିଂ କରିବାକୁ ପ୍ରସ୍ତାବ ରହିଛି। ପ୍ରସ୍ତାବକୁ ତୁରନ୍ତ ସରକାର ମଞ୍ଜୁରୀ କରିବା ସହିତ ଟେଣ୍ଡର ପ୍ରକ୍ରିୟା ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଡିଓ ରଞ୍ଜିତ କୁମାର ମଳିକ, ୨ୟ ମେଡିକାଲ ଅଫିସର ଡା. ହିମାଂଶୁ ଭୂଷଣ ଷଡ଼ଙ୍ଗୀ, ନବଘନ ନାୟକ, ରଞ୍ଜିତ କୁମାର ପଣ୍ଡା, ଅବ୍ଦୁଲ ରସିଦ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

## ସାଇଫନ୍ ବ୍ରିଜ୍ ଉପରେ ଉଠାଦୋକାନୀଙ୍କ ଭିଡ଼


ନୟନପୁର ବ୍ରିଜ ନିକଟରେ ଥିବା ଦୋକାନରେ ଲୋକଙ୍କ ଭିଡ।

**■ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ**
**■ ଆମ୍ବୁଲାନ୍ସ, ଦମକଳ ଗାଡ଼ି ବି ଅଟକି ରହୁଛି**

**ପାଟକୁରା,୬।୧(ଡି.ଏନ୍.ଏ.)**

ପାଟକୁରା ଥାନା ଅଧୀନ ତେଣ୍ଡାକୁଡ଼ା ପଞ୍ଚାୟତ ବଡ଼ ନୟନପୁରଠାରେ ଏକ ବ୍ରିଜ କମ୍ ସାଇଫନ୍ ରହିଛି। ତାହା ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ସଂଯୋଗ କରୁଛି। ଉତ୍ତରପାର୍ଶ୍ୱଟି କେନ୍ଦ୍ରାପଡ଼ା ଜିଲାର ଓ ଦକ୍ଷିଣ ପାର୍ଶ୍ୱଟି ଜଗତ୍‌ସିଂହପୁର ଜିଲାରେ ରହିଛି। ଉତ୍ତର ପଟେ ପାଟକୁରାର ତେଣ୍ଡାକୁଡ଼ା ଓ ଦକ୍ଷିଣପଟେ ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଥାନା କୃଷ୍ଣାନନ୍ଦପୁର। ବ୍ରିଜର ତେଣ୍ଡାକୁଡ଼ା ପଞ୍ଚାୟତର ବଡ଼ନୟନପୁର (ସାଇଫନ୍ ଛକ)ରେ ଜଳସମ୍ପଦ ବିଭାଗ ଜାଗାକୁ ଜବରଦଖଲ କରି ଏକାଧିକ ଦୋକାନ ଗଢ଼ି ଉଠିଛି। ହେଲେ ବ୍ରିଜର ଉତ୍ତରପାର୍ଶ୍ୱ ପ୍ରବେଶ ପଥରେ କେତେଜଣ ଲୋକ ମାଛ ଦୋକାନ ଖୋଲିଛନ୍ତି। ବିଶେଷକରି ରବିବାର, ବୁଧବାର ଓ ଶୁକ୍ରବାର ମାଛ ଦୋକାନରେ ଭିଡ଼ ଯୋଗୁ କୃଷ୍ଣାନନ୍ଦପୁର ପଟକୁ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଦୀର୍ଘ ସମୟ ବସ୍, ଚାରିଚକିଆ ଓ ଦୁଇଚକିଆ ଯାନ ଅଟକି ରହୁଛି। ସ୍କୁଲ ବସ୍, ନୂତନ ଭାବେ ନିର୍ମାଣ କରାଯାଉଥିବା ପୋଲକୁ ପରିବହନ ହେଉଥିବା ନିର୍ମାଣ ସାମଗ୍ରୀ ଗାଡ଼ି ଛିଡ଼ା ହୋଇ ରହୁଛି। ରୋଗୀ ଆଣିବାକୁ ଯାଉଥିବା ଆମ୍ବୁଲାନ୍ସ ଓ ନିଆଁ ଲିଭାଇବାକୁ ବା ନଦୀରେ ବୁଡ଼ି ଯାଉଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଯାଉଥିବା ଦମକଳ ବି ଠିକ୍ ସମୟରେ ଦୁର୍ଘଟଣାସ୍ଥଳରେ ପହଞ୍ଚି ପାରୁନାହିଁ। ହେଲେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏବେ ବ୍ରିଜ୍ ଉପରେ ଉଠା ମାଛ ଦୋକାନୀଙ୍କ ଭିଡ଼ ଜମିଛି। ମାଛ ଦୋକାନୀଙ୍କୁ ବ୍ରିଜ୍ ଉପରୁ ଉଠିଯିବାକୁ କହିଲେ ଅସାମାଜିକ ଯୁବକମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏ ସମ୍ପର୍କରେ ସ୍ଥାନୀୟ ତେଣ୍ଡାକୁଡ଼ା ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ରନାଥ ମହାନ୍ତି କହିଛନ୍ତି, ମାଛ ଦୋକାନୀମାନଙ୍କୁ ସାଇଫନ୍ ମୁହଁରୁ ଅନ୍ୟତ୍ର ସ୍ଥାନାନ୍ତର ଦରକାର। ପୋଲିସ ପ୍ରଶାସନ ସହଯୋଗ କଲେ ସେଠାରୁ ମାଛ ଦୋକାନୀଙ୍କୁ ଅନ୍ୟତ୍ର ଉଠାଇ ଦିଆଯିବ। ଏଥିପ୍ରତି କେନ୍ଦ୍ରାପଡ଼ା ଜିଲାପାଳ, ଏସ୍‌ପି, ପାଟକୁରା ଥାନା ଅଧିକାରୀ, ଗରଦପୁର ତହସିଲଦାର ଓ ତେଣ୍ଡାକୁଡ଼ା ସରପଞ୍ଚ ଦୃଷ୍ଟି ଦେବାକୁ ଦାବି ହେଉଛି।

## 'ସାରା ଭାରତରେ ଓଡ଼ିଶା ବିକାଶର ରୋଲ୍ ମଡେଲ'

**ପଟ୍ଟାମୁଣ୍ଡାଇ, ୬।୧(ସ୍ୱ.ପ୍ର.)**

କରୋନା ମହାମାରୀ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ ସଫଳ କୋଭିଡ୍ ମୁକାବିଲା ସାଙ୍ଗକୁ ଓଡ଼ିଶା ସାରା ଭାରତରେ ବିକାଶର ରୋଲ୍ ମଡେଲ ହୋଇଛି। ନବୀନଙ୍କ ବିକାଶ ଧାରାରେ ସାମିଲ ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣା ପଞ୍ଚାୟତର ବିକାଶ ରଥ ଆଗକୁ ମାଡ଼ିଚାଲିଛି। ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗରେ ପଞ୍ଚାୟତର ବିକାଶ ଦ୍ୱିଗୁଣିତ ହେବ ବୋଲି ଗୁରୁବାର ପଞ୍ଚାୟତରେ ୧ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାନୀୟଜଳ ପ୍ରକଳ୍ପ ସମେତ ପ୍ରାୟ ୨ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ କରି ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ବାଲିପାଟଣା ସରପଞ୍ଚ ସନ୍ଧ୍ୟାରାଣୀ ଜେନା, ସମିତିସଭ୍ୟା ନିରୁପମା ନାୟକ, ପଞ୍ଚାୟତ ବିଜେଡି ସଭାପତି ସରୋଜ ସ୍ୱାଇଁ ଓ ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ଅତିଥିଭାବେ ଯୋଗଦେଇଥିଲେ। ମନ୍ତ୍ରୀ ବାଲିପାଟଣା ମୋହିନୀ ଦେବୀ କମ୍ୟୁନିଟି ସେଣ୍ଟର ପାଇଁ ୫ ଲକ୍ଷ, ମିଶନ ଶକ୍ତି ଗୃହ ପାଇଁ ୫ ଲକ୍ଷ, ଜଗନ୍ନାଥସାହି ଆମ ପାଠାଗାର ପାଇଁ ୫ ଲକ୍ଷ, ମଙ୍ଗଳା ଛକ ଆମ ପାଠାଗାର ପାଇଁ ୫ ଲକ୍ଷ, ବାରୁଣୀ ପଡିଆ ଆମ ପାଠାଗାର ଲାଗି ୫ ଲକ୍ଷ, ରାଧାରାଣୀ କମ୍ୟୁନିଟି ସେଣ୍ଟର ପାଇଁ ୪ ଲକ୍ଷ, ଉପର ବାଲିପାଟଣା ୟୁଜି ୟୁପି ସ୍କୁଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ୪ ଲକ୍ଷ ଓ ଖଡ଼ିପାଳ ଆମ ପାଠାଗାର ଲାଗି ୫ ଲକ୍ଷ ଟଙ୍କା ଆଦି ପ୍ରକଳ୍ପ ଲୋକାର୍ପିତ କରିଥିଲେ। ଉତ୍ସବରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଗୁନେଇମୁହଁ କ୍ରିକ୍‌ର ଅତିରିକ୍ତ ୬ଟି ସ୍ଲୁଇସ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

**ଜଗତ୍‌ସିଂହପୁର ଅଫିସ, ୬।୧**

ବାଲିକୁଦା ବ୍ଲକ ଅନ୍ତର୍ଗତ ଘୋଷାଘର ଗ୍ରାମ ନିକଟ ଅଳକାନଦୀ ଉପରେ ଗୁନେଇମୁହଁ କ୍ରିକ୍‌ର ଅତିରିକ୍ତ ୬ଟି ସ୍ଲୁଇସ୍ ନିର୍ମାଣ ନେଇ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିନିମନ୍ତେ ୪. ୪୩ କୋଟି ଟଙ୍କା ଖର୍ଚ୍ଚ ହେବ। ପୂର୍ବରୁ ଏହି କ୍ରିକ୍‌ରେ ୮ଟି ସ୍ଲୁଇସ୍ ଥିଲା। ଅତିରିକ୍ତ ସ୍ଲୁଇସ୍ ନିର୍ମାଣ ଦ୍ୱାରା ବାଲିକୁଦା ବ୍ଲକର ୧୦ଟି ଗ୍ରାମର ୮୧୬୧ ଲୋକ ଉପକୃତ ହୋଇପାରିବେ। ବିଶେଷକରି ଅଳକା ବୁଡି ଅଞ୍ଚଳର ପ୍ରାୟ ୧୦ ହଜାର ଲୋକଙ୍କର ସବୁଦିନିଆ ଅସୁବିଧା ଦୂର ହୋଇପାରିବ। ହଂସୁଆ ନଦୀ ଓ ଜଟାଧାରୀ ମୁହାଣର ଖନନ କାର୍ଯ୍ୟ ସମାପ୍ତ ହେଲେ ଦୀର୍ଘଦିନ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ମନ୍ତ୍ରୀ ଦାସ ପ୍ରକାଶ କରିଥିଲେ। ଏହି ନିର୍ମାଣ କାର୍ଯ୍ୟ ଜଗତ୍‌ସିଂହପୁର ଜଳସେଚନ ବିଭାଜନ ଦ୍ୱାରା କରାଯିବ। ଉତ୍ସବରେ ଏମ୍‌ପିଙ୍କ ପ୍ରତିନିଧି ପୀତବାସ ଗୋଛାୟତ, ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ସ୍ୱାଇଁ, ପାର୍ଥସାରଥୀ ରାଉତ, ବାଲିକୁଦା ବ୍ଲକ ଉପାଧ୍ୟକ୍ଷ ରାଖୋଲ ଦାସ, ସରପଞ୍ଚ, ଜଳସମ୍ପଦ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ଳବ କେଶରୀ ସାହୁ, ଅନିଲ କୁମାର ରାଉତରାୟ ଓ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପଛୁଆ ବର୍ଗଙ୍କ ସଂରକ୍ଷଣ ଦାବି

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବିରିଡି, ୬।୧(ଡି.ଏନ.ଏ.)**

ଆଗାମୀ ନିର୍ବାଚନରେ ପଛୁଆ ବର୍ଗଙ୍କ ସଂରକ୍ଷଣ ବ୍ୟବସ୍ଥା ସହ ୭ ଦଫା ସମ୍ବଳିତ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ବିରିଡି ବ୍ଲକ ଓବିସି ମୋର୍ଚ୍ଚା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। ହାଜିପୁର ଭାଜପା ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା ଓ ପୁରଣ ମଣ୍ଡଳ ଭାଜପା ସଭାପତି ତରୁଣ ଦାସ ଏହାର ନେତୃତ୍ୱ ନେଇଥଲେ। ମୋର୍ଚ୍ଚା ପକ୍ଷରୁ ଏକ ଶୋଭାଯାତ୍ରା ବିରିଡି ଛକରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ସଭା କରି ଦାବିପତ୍ର ଦିଆଯାଇଥିଲା। ଏଥିରେ ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ସୁବୋଧ ବାରିକ, ଉପ ସଭାନେତ୍ରୀ ଗୀତାଞ୍ଜଳି ସାହୁ, ସଂଯୋଜକ ସତ୍ୟବ୍ରତ ରଣା, ଓବିସି ହାଜିପୁର ମଣ୍ଡଳ ସଭାପତି ସୁଜନ ଖଟୁଆ ଓ ପୁରଣ ମଣ୍ଡଳ ଓବିସି ସଭାପତି ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ହସ୍ପିଟାଲରୁ ମୃତଦେହ ଜବତ

**ପାରାଦୀପ (ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ପୋଲିସ ଗୁରୁବାର ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରୁ ଏକ ମୃତଦେହ ଜବତ କରିଛି। ସେ ହେଲେ ଲକ୍ଥାନା ଅନ୍ତର୍ଗତ ଗଡଗ୍ରାମର ଗୁରୁଚରଣ ବେହେରା(୪୨)। ସେ କୌଣସିକାରଣରୁ ବିଷ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଗୁରୁଚରଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଅପମୃତ୍ୟୁ ମାମଲା ନଂ. ୨/୨୨ ରୁଜୁ କରାଯାଇଛି।

## ସଂକ୍ଷେପରେ

### ଗଣ୍ଡଗୋଳ ଘଟଣାରେ ୩ ଗିରଫ

**ଧର୍ମଶାଳା/ଜେନାପୁର,୬।୧(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ଜେନାପୁର ଗ୍ରାମରେ ଗତ ମାସ ୨୧ ତାରିଖରେ ଜମି ବିବାଦକୁ କେନ୍ଦ୍ରକରି ଦୁଇ ପରିବାରରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଉଭୟ ପକ୍ଷର ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗୋଟିଏ ପକ୍ଷର ଭରତ ଚନ୍ଦ୍ର ରାଉତ(୪୨), ନୃସିଂହ ରାଉତ(୨୩) ଗିରଫ ହୋଇଥିବା ବେଳେ ଅପରପକ୍ଷର ରମେଶ ରାଉତ(୨୫) ଗିରଫ ହୋଇଛନ୍ତି। ଜମି ବିବାଦ ନେଇ ଭରତ ରାଉତ ଓ ବାସନ୍ତୀ ରାଉତଙ୍କ ଅଭିଯୋଗକ୍ରମେ ନଂ.୩୭୪/୨୧ ଓ ୩୭୫/୨୧ରେ ୨ଟି ମାମଲା ରୁଜୁ ହୋଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ରାଉତ ସୂଚନା ଦେଇଛନ୍ତି।

### ପିଡିଏସ୍ କିରୋସିନ ଜବତ, ବ୍ୟବସାୟୀ ଅଟକ

**ଧର୍ମଶାଳା,୬।୧(ଡି.ଏନ.ଏ.):** ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ନେଉଳପୁର ରେଲୱେ ଓଭରବ୍ରିଜ ନିକଟ ଏକ ରୁମ୍‌ରେ ଗୁରୁବାର ପୋଲିସ ଚଢ଼ାଉ କରି ଚୋରା କିରୋସିନ ଜବତ କରିଛି। ଏଥିସହିତ ଜଣେ ବ୍ୟବସାୟୀଙ୍କୁ ଅଟକ ରଖିଛି। ଏଠାରେ ଜଣେ ବ୍ୟକ୍ତି ପିଡିଏସ୍ କିରୋସିନ ଚୋରାରେ ବିକ୍ରି କରୁଥିବା ଖବର ପାଇ ଜିଲା ପୋଲିସ ସ୍କ୍ୱାଡ୍ ଓ ଧର୍ମଶାଳା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସେଠାରେ ଥିବା ୩ଟି ବ୍ୟାରେଲରେ ୨୫୦ ଲିଟରରୁ ଊର୍ଦ୍ଧ୍ୱ କିରୋସିନ ଜବତ ହୋଇଛି। ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ପ୍ରସାରଣର ଶିଳାନ୍ୟାସ

**ଚଣ୍ଡିଖୋଲ,୬।୧(ଡି.ଏନ.ଏ.):** ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଗୃହ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଉକ୍ତ କାର୍ଯ୍ୟାଳୟ ଭୌଗୋଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ରାଜସ୍ୱ ଆଦାୟରେ ଓଡ଼ିଶାରେ ଅଗ୍ରଣୀ। ତେବେ ଏହାର କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ହେଉଥିବା ଗୃହ ଅଭାବ ଯୋଗୁ ବହୁ ଅସୁବିଧା ହେଉଥିଲା। ଏହାର ଆବଶ୍ୟକତା ଉପଲବ୍ଧି କରି ପରିବହନ ବିଭାଗ ତରଫରୁ ୭ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲାବେଳେ ଦ୍ୱିତୀୟ ପାର୍ଯ୍ୟାୟରେ ସମ ପରିମାଣରେ ଟଙ୍କା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରୋହିତ ବିଶ୍ୱାଳ, ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ୍ ସ୍ୱାଇଁ, ଯୁବନେତା ଗଣେଶ୍ୱର ବରାଳ, ସଞ୍ଜୟ ସ୍ୱାଇଁ ଓ ନିରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଦେବାଶିଷ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

**ପାଣିକୋଇଲି,୬।୧(ଡି.ଏନ.ଏ.):** ପଥରପଦା ଗ୍ରାମର ୬ତମ ଦେବାଶିଷ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ୧୬ ଦଳ ଅଂଶ ଗ୍ରହଣ କରିଛନ୍ତି। ଏହାକୁ ଅତିଥି ଭାବେ ଶିକ୍ଷାବିତ୍ ମଦନମୋହନ ବେହେରା, ସନ୍ତୋଷ ବେହେରା, ଶ୍ରୀନିବାସ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ମହିଁଷପୁର ବନାମ ଶଗଡି ମଧ୍ୟରେ ହୋଇଥିଲା। ମହିଁଷପୁର ଟସ୍ ଜିଣି ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୦ ଓଭର ମଧ୍ୟରୁ ୮ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ଶଗଡି ୪.୩ ଓଭରରେ ୨ ଉଇକେଟ ହରାଇ ୫୫ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ କାଜିପାଟଣା ବନାମ ଜହ୍ନା ମଧ୍ୟରେ ହୋଇଥିଲା। ଜହ୍ନା ଟସ ଜିଣି ବ୍ୟାଟିଂ ନିଷ୍ପତି ନେଇ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। କାଜିପାଟଣା ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ କରି ପରାଜୟ ବରଣ କରିଥିଲା। ଫଳରେ ଖେଳରେ ଶଗଡି ଓ ଜହ୍ନା ବିଜୟୀ ହୋଇଛନ୍ତି। ଖେଳକୁ ରାଜେଶ ବେହେରା, ବନମାଳୀ ବେହେରା ପରିଚାଳନା କରିଥିଲେ। ସ୍କୋରର ଭାବେ ଦିବ୍ୟ ରଞ୍ଜନ ବେହେରା ଓ ଧାରାବିବରଣୀ ଗଣେଶ ବାରିକ, ଜୟଦେବ ବେହେରା ପ୍ରମୁଖ ପ୍ରଦାନ କରିଥିଲେ।

# ଅବହେଳାରୁ ଆକର୍ଷଣ ହରାଉଛି ଚଣ୍ଡୀମନ୍ଦିର

**ଯାଜପୁର ଅଫିସ,୬।୧**

- ଟ୍ରଷ୍ଟି ବିବାଦରେ ବିକାଶ ବଳି ପଡ଼ିଛି
- ନୀରବ ଲୋକପ୍ରତିନିଧି, ପ୍ରଶାସନ

ଯାଜପୁର ମାଟିର ଅସ୍ମିତାର ପରିଚୟ ହେଉଛି ଏହାର ମନୋଜ୍ଞ ପ୍ରାକୃତିକ ବିଭବ ଏବଂ ସୁପ୍ରାଚୀନ ଐତିହ୍ୟ। ବରାହ-ବିରଜା କ୍ଷେତ୍ର ନିଜର ଅନନ୍ୟ ସଂସ୍କୃତି, ପରମ୍ପରା ଓ ଐତିହାସିକ ପୀଠଗୁଡ଼ିକର ଗୌରବକୁ ନେଇ ଗର୍ବ ଅନୁଭବ କରିଥାଏ। କିନ୍ତୁ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଚଣ୍ଡିଖୋଲସ୍ଥିତ ଚଣ୍ଡୀମନ୍ଦିରର ବିପର୍ଯ୍ୟସ୍ତ ଅବସ୍ଥାକୁ ଦେଖିଲେ ଏହି ସବୁ ଗର୍ବ ଓ ଗୌରବ ଫସର ଫାଟିଛି। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଏହି ପର୍ଯ୍ୟଟନସ୍ଥଳୀକୁ ଦେଶ ତଥା ବିଦେଶରୁ ପର୍ଯ୍ୟଟକ ଆସନ୍ତି। ଅଥଚ ଏହାର ବିକାଶ ଓ ରକ୍ଷଣାବେକ୍ଷଣ ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଏହା ଦିନକୁ ଦିନ କ୍ଷୟ ହେବାରେ ଲାଗିଛି। ବିଶେଷକରି ଚଣ୍ଡୀମନ୍ଦିର ପରିସର ପରିଚ୍ଛନ୍ନତା ବୋଲି କିଛି ନାହିଁ। ଚାରିଆଡ଼େ ପାନଛେପ, ଆବର୍ଜନା ଓ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏହା ଭକ୍ତି ଭାବନାରେ ବିଘ୍ନ ଘଟାଉଛି। ମନ୍ଦିରର ଟ୍ରଷ୍ଟ ବୋର୍ଡ କମିଟି ଚୟନକୁ ନେଇ ୭ ବର୍ଷ ହେଲା ବିବାଦ ରହିଛି। ୧୮ ଜଣିଆ କମିଟିରେ ସଭାପତିଙ୍କ ସମେତ ୧୦ଜଣ ଜିଲା ବାହାରର ଥିବା ନେଇ ଆପତ୍ତି ଉଠିଛି। କମିଟିକୁ ନେଇ ହାଇକୋର୍ଟରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଏହି ସବୁ ବିବାଦ ଯୋଗୁ ମନ୍ଦିରର ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ବିଶେଷକରି ଲୋକ ପ୍ରତିନିଧି କିମ୍ବା ଜିଲା ପ୍ରଶାସନର ଦୃଷ୍ଟି ନ ପଡିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି।

ବାରୁଣାବନ୍ତ ପାହାଡ଼ର ପାଦଦେଶରେ ରହିଛି ଏହି ପ୍ରାଚୀନ ଚଣ୍ଡୀ ମନ୍ଦିର। ପୂର୍ବରୁ ରାଣୀବନ୍ଦୀ ଗ୍ରାମର ଜଣେ ଶବର ଏହି ସ୍ଥାନରେ ଛିନ୍ନମସ୍ତା ମା' ଚଣ୍ଡୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ପରବର୍ତ୍ତୀ ସମୟରେ ବିଶିଷ୍ଟ ଦେବୀ ସାଧକ ବାବା ଭୈରବାନନ୍ଦ ବ୍ରହ୍ମଚାରୀ ଏଠାରେ ପହଞ୍ଚି ଚଣ୍ଡୀମନ୍ଦିର ନିର୍ମାଣ କରି ଏହି ପୀଠର ବିକାଶ ପାଇଁ ଉଦ୍ୟମ କରିଥିଲେ। ଚଣ୍ଡୀମନ୍ଦିର ସଂଲଗ୍ନ ଇଲାକାରେ ହନୁମାନ ମନ୍ଦିର, ସତୀ ମନ୍ଦିର ଆଦି ଗଢ଼ିଉଠିଛି। ବାରୁଣାବନ୍ତ ପାହାଡ଼ର ଶୀର୍ଷଦେଶରୁ ପ୍ରାକୃତିକ ଝରଣା ପ୍ରବାହିତ ହୋଇ ଏହି ପୀଠକୁ ଅଧିକ ଆକର୍ଷଣୀୟ କରିଛି। ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବରେ ଏହା ସୁପରିଚିତ। ଚଣ୍ଡିଖୋଲ ଛକରୁ ଏହି ପୀଠର ଦୂରତା ମାତ୍ର ୩ କିମି। ମା'ଙ୍କ ନିକଟରେ ଅଧିଆ ପଡ଼ିଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। ବର୍ଷର ବିଭିନ୍ନ ପର୍ବପର୍ବାଣିରେ ଭକ୍ତଙ୍କ ଲମ୍ବା ଧାଡ଼ି ଏଠାରେ ଦେଖିବାକୁ ମିଳିଥାଏ। ବିଭିନ୍ନ ସମୟରେ ପ୍ରବଳ ଜନସମାଗମ ହେଉଥିବାରୁ ପୀଠକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପ୍ରଶାସନ ଓ ଟ୍ରଷ୍ଟବୋର୍ଡର ଦାୟିତ୍ୱ। ମାତ୍ର ତାହା ବିଫଳ ହେଉଛି। ମନ୍ଦିର ପରିସରରେ ଥିବା ଅନେକ ଘର ଭାଙ୍ଗିରୁଜି ଭୂତକୋଠି ପାଲଟିଛି। ମନ୍ଦିର ପରିସରସ୍ଥ ଜଳକୁଣ୍ଡର ଦୁର୍ଗନ୍ଧ ଯୋଗୁ ଭକ୍ତ ନାକ ଟେକି ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ଝରଣା, ଫୁଲ ବଗିଚା ଆଦି ନଷ୍ଟ ହୋଇଗଲାଣି। ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ହିଁ ଯାହା ସଫେଇ ହେଉଛି। ପ୍ରତ୍ୟହ ସଫେଇ ବ୍ୟବସ୍ଥା ଥିବା ଭଳି ମନେ ହେଉନାହିଁ। ମନ୍ଦିରର ଟ୍ରଷ୍ଟି ସଦସ୍ୟ ହେବାକୁ ଯେଉଁ ପ୍ରକାର କସରତ ହେଉଛି ସେହି ଅନୁପାତରେ ମନ୍ଦିରର ବିକାଶ ପାଇଁ ଆଦୌ ଉଦ୍ୟମ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଟ୍ରଷ୍ଟ ବୋର୍ଡ ସଦସ୍ୟ ବେଣୁଧର ପଣ୍ଡା କୁହନ୍ତି, ୮ ବର୍ଷ ହେଲାଣି ଏହି ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବାବା ସନ୍ତୋଷାନନ୍ଦ ବ୍ରହ୍ମଚାରୀଙ୍କୁ ଟ୍ରଷ୍ଟବୋର୍ଡରୁ ବାହାର କରି ଦିଆଯାଇଛି। ସେ ଧୁନି ଘରେ ଆଶ୍ରୟ ନେଇ ଅସୁସ୍ଥ ହୋଇ ପଡ଼ି ରହିଛନ୍ତି। ଟ୍ରଷ୍ଟବୋର୍ଡ କମିଟିକୁ ନେଇ କୋର୍ଟ କଚେରିରେ ବିବାଦ ଲାଗି ରହିଛି। ଉପଜିଲାପାଳ ଶରତ କୁମାର ମହାପାତ୍ର କହିଛନ୍ତି ଯେ, ଚଣ୍ଡୀମନ୍ଦିରର ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନ ବୁଝୁନାହିଁ।



ଚଣ୍ଡୀ ମନ୍ଦିର ପରିସରରେ ଲୋକେ ବୁଲୁଛନ୍ତି।

# ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ

**ଧର୍ମଶାଳା,୬।୧(ଡି.ଏନ.ଏ.)**

ଧର୍ମଶାଳା ୟୁକୋ ବ୍ୟାଙ୍କ ପରିସରରେ ବ୍ୟାଙ୍କର ୭୯ତମ ପ୍ରତିଷ୍ଠା ଦିବସ ଶାଖା ପରିଚାଳକ ସୋମନାଥ ସେଠୀଙ୍କ ସଭାପତିତ୍ୱରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପରିଚାଳକ ସେଠୀ କହିଥିଲେ, ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖା ୧୯୭୪ରୁ ପ୍ରତିଷ୍ଠା ହୋଇଥିଲା। ଉକ୍ତ ଶାଖାର ଗ୍ରାହକ ସଂଖ୍ୟା ୪୦ ହଜାରରେ ପହଞ୍ଚିଥିବାବେଳେ ୨୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜମାରାଶି ସଂଗୃହୀତ ହୋଇଛି। ୧୫୦୦ ଜମାକାରୀ ୧୩ କୋଟି ଟଙ୍କା ଜମାକରିଥିଲା ବେଳେ ୨୦ ହଜାର ଗ୍ରାହକ ୨୦୮ କୋଟି ଟଙ୍କା ଜମା କରିଛନ୍ତି। ୧ ହଜାର ଲୋକଙ୍କୁ ୧୮ କୋଟି ୩୪ ଲକ୍ଷ ବାଣିଜ୍ୟ ଋଣ, ୫୦୦ ଜଣଙ୍କୁ ୧୫ କୋଟି ୭୦ ଲକ୍ଷ କ୍ଷୁଦ୍ର ଋଣ ଦିଆଯାଇଛି। ୨୦୨୧ ଶେଷ ସୁଦ୍ଧା ୩୮ କୋଟି୬୭ଲକ୍ଷ ମୋଟ ଋଣ ପ୍ରଦାନ କରାଯାଇଥିବା ବେଳେ ଏହି ବ୍ୟାଙ୍କ ୨୪୦ କୋଟି ୬୮ ଲକ୍ଷ ବ୍ୟବସାୟ କରିଛି। ୧୫୦୦ଜଣଙ୍କୁ ୫ କୋଟି ୫୦ଲକ୍ଷ ଟଙ୍କା କୃଷି ଋଣ ଓ ୩୦୦ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ ୨ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି। ଶାଖାରେ ୮୦୦ ପେନସନଧାରୀଙ୍କୁ ସେବା ଯୋଗାଇ ଦିଆଯାଉଛି। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଯୁଧିଷ୍ଠିର ସ୍ୱାଇଁ, ବିବେକାନନ୍ଦ ନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଋଣ ପ୍ରଦାନ ନେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ପ୍ରେସ୍‌କ୍ଲବ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ମୃତ୍ୟୁଞ୍ଜୟ ସାହୁ, ଶରତ ନାୟକ ପମୁଖ ଯୋଗଦେଇ ଗ୍ରାହକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଶାଖା ସହ ପରିଚାଳକ ଚନ୍ଦୁ କୁମାର, ପିଣ୍ଟୁ ଦାସ, ପ୍ରଜ୍ଞା ମିଶ୍ର, ଆଶିଷ କୁମାର ଗ୍ରାହକଙ୍କୁ ଉଚିତ ସେବା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଶାଖାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। କର୍ମଚାରୀ ଶିବବ୍ରତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ଶାଖା ପରିଚାଳକ ଓ କର୍ମଚାରୀ ଗ୍ରାହକଙ୍କୁ ସ୍ୱାଗତ ଜଣାଉଛନ୍ତି।

# ନାଳରୁ ଗଳିତ ମୃତଦେହ ଜବତ

**ଦଶରଥପୁର,୬।୧(ଡି.ଏନ୍.ଏ.)**

### ଅସ୍ଥି ବିସର୍ଜନ କରାଯାଇଥିଲା

ମଙ୍ଗଳପୁର ଥାନା ଅଧୀନ ଜାଡୁଆଭେଡ଼ା ନାଳ ସ୍ଲୁଇସ୍‌ଗେଟ୍ ନିକଟରୁ ଗୁରୁବାର ଅପରାହ୍ନରେ ଏକ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଦୁଦୁରାଅନ୍ତା ପଞ୍ଚାୟତ ଦୁଦୁରାଅନ୍ତା ଗ୍ରାମର ଗଙ୍ଗାଧର ପରିଡ଼ାଙ୍କ ସ୍ତ୍ରୀ ବନଲତା। ମୃତଦେହ ଭାସୁଥିବା ଦେଖି ପାରିପଦା ଅଞ୍ଚଳର କେତେଜଣ ଚାଷୀ ଥାନାକୁ ଖବର ଦେଇଥିଲେ। ଏସ୍‌ଆଇ ହରିଶ୍ଚନ୍ଦ୍ର ସିଂ, ଏସ୍‌ଆଇ ବିପିନ୍ ସାହୁ, ଏଏସ୍‌ଆଇ ସନ୍ତୋଷ ସିଂ ପ୍ରମୁଖ ପହଞ୍ଚି ମୃତଦେହକୁ ପାଣିରୁ ବାହାର କରିବା ପାଇଁ ଦଶରଥପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲା। ତେବେ ନାଳରେ ଗଳିତ ମୃତଦେହ ଭାସୁଥିବା ନେଇ ଖବର ପ୍ରଘଟ ହେବାପରେ ଉକ୍ତ ସ୍ଥାନକୁ ଲୋକଙ୍କଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସୁଅ ଛୁଟିଥିଲା। ମୃତକଙ୍କ ପରିବାର ପହଞ୍ଚି ଶବ ଚିହ୍ନଟ କରିଥିଲେ। ତାଙ୍କ ପରିବାର ପକ୍ଷରୁ କୁହାଯାଇଛି ଯେ, ୨୦୨୦ ଡିସେମ୍ବରରେ ବନଲତା(୭୪)ଙ୍କ ମୃତ୍ୟୁ ହୋଇଥିଲା। ସେମାନେ ମୃତଦେହକୁ ଶ୍ମଶାନରେ ପୋତି ଦେଇଥିଲେ। ୨୦୨୧ ଡିସେମ୍ବର ୨୬ରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଥିଲା। ତେଣୁ ତାଙ୍କ ଅସ୍ଥିବିସର୍ଜନ ଲାଗି ମୃତଦେହ ବାହାର କରି କାଣୀନଦୀର ଉକ୍ତ ନାଳରେ ଭସାଇ ଦେଇଥିଲେ।

# ଓପିଟିସିଏଲ୍ ଅଫିସ ଘେରିଲେ ଗଣମାଧ୍ୟମ ପ୍ରତିନିଧି

**କଳିଙ୍ଗନଗର,୬।୧(ଡି.ଏନ.ଏ.)**

### ଦୁର୍ବ୍ୟବହାର ଅଭିଯୋଗ

ଓପିଟିସିଏଲ୍ ଯାଜପୁର ରୋଡ୍ ଗ୍ରୀଡ୍ ସବ୍‌ଷ୍ଟେଶନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯାଇଛି। ପ୍ରତିବାଦରେ ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧି ଗ୍ରୀଡ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଗ୍ରୀଡ୍ ମରାମତି ଲାଗି ବୁଧବାର ସକାଳ ୮ରୁ ସନ୍ଧ୍ୟା ୫ ଯାଏ ବିଦ୍ୟୁତ ସରବରାହ ବନ୍ଦଥିଲା। ହେଲେ ୨ ଘଣ୍ଟା ବିଳମ୍ବରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ଗୁରୁବାର ବିକ୍ରମ କେଶରୀ ସାହୁ ଏବଂ ଅନ୍ୟ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧି ଏସ୍‌ଡିଓ ରାଜୀବ ଲୋଚନ ସାହୁଙ୍କ ପ୍ରତିକ୍ରିୟା ନେବାକୁ ଯାଇଥିଲେ। ମାତ୍ର ସାହୁ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅଫିସ ଆସିବାକୁ ମନା କରିଥିଲେ। ଫଳରେ ବ୍ୟାସନଗର, କୋରେଇ, ରଗଡି ଓ କଳିଙ୍ଗନଗର ଆଦି ଅଞ୍ଚଳରୁ ଶତାଧିକ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଧାରଣାରେ ବସିଥିଲେ। ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ଓପିଟିସିଏଲ ଡିଜିଏମ ପହଞ୍ଚି ଖବରଦାତାଙ୍କୁ ବୁଝାସୁଝା କରିଥିଲେ। ଏସଡିଓ ସାହୁ କ୍ଷମା ପ୍ରାର୍ଥନା କରିବା ପରେ ଆନ୍ଦୋଳନ ପ୍ରାତ୍ୟାହୃତ ହୋଇଥିଲ। ଆନ୍ଦୋଳନରେ ଯଜ୍ଞଦତ୍ତ ତ୍ରିପାଠୀ, ଶୁଭାଶିଷ ରାଉତ, ଉଦୟନାଥ ଖଣ୍ଡାଇ, ଉମାକାନ୍ତ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ମଠାଧୀଶଙ୍କ ପରଲୋକ

**ଚଣ୍ଡିଖୋଲ,୬।୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ୍ ଅଧୀନ ଚାରିନଙ୍ଗଳସ୍ଥିତ ଲକ୍ଷ୍ମୀନାରାୟଣ ମଠର ମହନ୍ତ ମହାରାଜ ମାଧବା ନନ୍ଦ ରାମଦାସଙ୍କ ୭୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବୁଧବାର ଅପରାହ୍ନରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ରାତି ୯ଟାରେ ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁ ହୋଇଥିଲା। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶହଶହ ବ୍ୟକ୍ତି ଉପସ୍ଥିତ ରହି ଚାରିନଙ୍ଗଳଠାରେ ଅନ୍ତିମ ସଂସ୍କାର କରିଥିଲେ। ମଠ ସେବକ ପ୍ରଦୀପ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# ଯାଜପୁରରେ ୪୨,୮୬୯ ନୂଆ ଭୋଟର

**ଯାଜପୁର ଅଫିସ,୬।୧**

### ସମୁଦାୟ ଭୋଟର ସଂଖ୍ୟା ୧୫,୧୦,୭୧୦

ଯାଜପୁର ଜିଲାର ଭୋଟର ତାଲିକା ସଂଶୋଧନ-୨୦୨୨ କାର୍ଯ୍ୟ ଶେଷ ହୋଇଛି । ଏହାର ଏକ ପୂର୍ଣ୍ଣାଙ୍ଗ ଓ ଚୂଡ଼ାନ୍ତ ତାଲିକା ବୁଧବାର ଜିଲାର ୪ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଦ୍ୱାରା ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକା ଅନୁସାରେ ଜିଲାରେ ମୋଟ ୧୫,୧୦,୭୧୦ ଜଣ ଭୋଟର ରହିଛନ୍ତି । ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରାଇ ଓ ସୁକିନ୍ଦାରେ ମୋଟ ୪୨,୮୬୯ ଜଣ ନୂଆ ଭୋଟର ଏହି ତାଲିକାରେ ଯୋଡି ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇଲେକ୍ଟୋରାଲ ରୋଲ ଅବଜରଭର ଭାବେ ଆରଡିସି ଅଫିସର ଆଡିସିନାଲ ସେକ୍ରେଟାରୀ ବିବେକା ନନ୍ଦ ସାହୁ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେଡିରୁ ରମଣୀ ରଞ୍ଜନ ରାଉତ, କଂଗ୍ରେସରୁ ରବି ନାରାୟଣ ରଣା, ଭାଜପାରୁ ସୁଦୀପ୍ତ କୁମାର ପଣ୍ଡା ଏବଂ ବିଏସ୍‌ପିରୁ କହ୍ନେଇ ଚରଣ ସାହୁ ପ୍ରତିନିଧି ଭାବେ ଯୋଗ ଦେଇଥିଲେ।

# ପ୍ରସ୍ତାବିତ ସିମେଣ୍ଟ କାରଖାନାକୁ ବିରୋଧ

**ଚଣ୍ଡିଖୋଲ/ଛତିଆ,୬।୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ୍ ଅଧୀନ ବୈରୀ ପଞ୍ଚାୟତର ଝାଟିଆପଡ଼ାଠାରେ ପ୍ରସ୍ତାବିତ ସିମେଣ୍ଟ୍ କାରଖାନାକୁ ଗୁରୁବାର ସ୍ଥାନୀୟ ଅଞ୍ଚଳବାସୀ ଓ ଜମି ସୁରକ୍ଷା ଅଧିକାର ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସୁରକ୍ଷା ମଞ୍ଚ ସଭାପତି ବିଜୟ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଝାଟିଆପଡ଼ାଠାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଆଦିବାସୀ ଯୋଗ ଦେଇଥିଲେ। ସେମାନଙ୍କ ଅଭିଯୋଗଯେ, ନୂତନ କାରଖାନା ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ବାସ ହରାଇବା ସହିତ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେବେ। ଏହା ସହ ଭୂତଳ ଜଳ ସଙ୍କଟ, ରାସ୍ତାଘାଟ ନଷ୍ଟ ସମେତ ଏଠାରେ ଦୀର୍ଘଦିନ ହେଲା ବସବାସ କରୁଥିବା ଆଦିବାସୀ ପରିବାର ବିସ୍ଥାପିତ ହେବେ। ପ୍ରସ୍ତାବିତ ସିମେଣ୍ଟ କାରଖାନା ୩ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ହେବ। ଏଥିପାଇଁ ୬ ଶହ କୋଟି ଟଙ୍କାର ବ୍ୟୟ ବରାଦ କରାଯିବ। ସେହିଭଳି ୬୨ ଏକର ପରିମିତ ସ୍ଥାନରେ ଏହା ନିର୍ମାଣ କରାଯିବାକୁ ଥିବାବେଳେ ୫.୪ ଏକର ବେସରକାରୀ ଜାଗା କ୍ରୟ କରାଯିବ। ୫୮ ଏକର ଇଡ୍‌କୋ ଦ୍ୱାରା ଅଧିଗ୍ରହଣ କରାଯାଇ କାରାଖାନାକୁ ହସ୍ତାନ୍ତର କରାଯିବ। ପ୍ରସ୍ତାବିତ କାରଖାନା ମଧ୍ୟରେ ୬ ଏକର ଜଙ୍ଗଲ ଜମି ଅଧିଗ୍ରହଣ ହେବା ଆଶଙ୍କା ରହିଛି। ତେଣୁ ଏତେ ପରିମାଣର ଜମି ଅଧିଗ୍ରହଣକୁ ଅଞ୍ଚଳବାସୀ ବିରୋଧ କରୁଥିବା କହିଛନ୍ତି।

ଅନ୍ୟପକ୍ଷରେ ପ୍ରସ୍ତାବିତ କାରଖାନାଠାରୁ ଏକ କିମି ଦୂରରେ ଏକ ସିମେଣ୍ଟ୍ କାରଖାନା ପ୍ରତିଷ୍ଠା କରାଯାଇଛି। ସିମେଣ୍ଟ୍ ଜନିତ ପ୍ରଦୂଷଣରୁ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବହୁ ଆନ୍ଦୋଳନ ହୋଇଥିଲେ ମଧ ଏହାର କୌଣସି ପ୍ରଭାବ କାରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟିରେ ପଡୁନାହିଁ ବୋଲି ସ୍ଥାନୀୟ ଅଧିବାସୀମାନେ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ସଭାରେ ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ସ୍ୱାଇଁ, ସେବକର ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ, ଭରତ ବେହେରା, ଭାଗ୍ୟଧର ମହାରଣା, ବିଷ୍ଣୁ ମଳିକ, ବିଶ୍ୱଜିତ୍ ଖିଲାର, ଆଶିଷ ପରିଡ଼ା, ରବି ନାରାୟଣ ସ୍ୱାଇଁ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରକଳ୍ପ ବାତିଲ ପାଇଁ ଜମି ସୁରକ୍ଷା ଅଧିକାର ମଞ୍ଚ ପକ୍ଷରୁ ମୁଖ୍ୟଶାସନ ସଚିବ, ୫-ଟି ସଚିବ, ଶିଳ୍ପ ସଚିବ, ଜଙ୍ଗଲ ଓ ପରିବେଶ ସଚିବ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଅବଗତି ନିମନ୍ତେ ପତ୍ର ପଠାଯାଇଛି। ତେବେ କାରଖାନା ପ୍ରତିଷ୍ଠା ହେଲେ ଯାଜପୁର ଜିଲାର ବୈରୀ, ଅମିୟଝରି, ସୋଲର ସମେତ କଟକ ଜିଲାର ମଣିଆ, ଖାଡ଼େଶ୍ୱର କଡ଼େଇ, ଉଳପଦା, କାନପୁର, ସୁନିଆଁପଦା ଆଦି ଗ୍ରାମର ହଜାରହଜାର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଇଛି।



କାରଖାନା ବିରୋଧରେ ଏକାଠି ହୋଇଥିବା ଲୋକେ।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ପାରାଦୀପ,୬।୧(ସ୍ୱ.ପ୍ର.)**

ପାରାଦୀପ ଲକ୍ଥାନା ଅନ୍ତର୍ଗତ ଦୋଛକିଠାରେ ଗୁରୁବାର ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଗଡଗ୍ରାମର ଶଙ୍ଖ ବାରିକଙ୍କ ପୁତ୍ର ସନ୍ତୋଷ (୨୫)। ସେ ପାରାଦୀପରୁ ନିଜ ଘର ଅଭିମୁଖେ ବାଇକରେ ଯାଉଥିବାବେଳେ ଟ୍ରକ ସହ ଧକ୍କା ହୋଇଥିଲା। ତାଙ୍କୁ ସଡ଼କ ସୁରକ୍ଷା ଟିମ୍ କର୍ମକର୍ତ୍ତା ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ମାମଲା ନଂ. ୪/୨୨ ରୁଜୁ କରାଯାଇ ଟ୍ରକ୍‌କୁ ଜବତ କରାଯାଇଛି।

### ମା' ବୁଢ଼ୀ ଜାଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଧର୍ମଶାଳା,୬।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ସେବତୀପୁର ଖେଳପଡ଼ିଆରେ ୧୩ତମ ମା' ବୁଢ଼ୀ ଜାଗୁଲାଇ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଅଭୟପୁର ସରପଞ୍ଚ ଶ୍ୟାମସୁନ୍ଦର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠିତ ୨ ମ୍ୟାଚ୍‌ରେ ଅଚ୍ୟୁତପୁର ଓ ଚନ୍ଦ୍ରପଦା ବିଜୟୀ ହୋଇଛି। ରାଧାନଗର ଟିମ୍ ପ୍ରଥମେ ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ଅଚ୍ୟୁତପୁର ଟିମ୍ ୯.୧ ଓଭରରେ ୭୨ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଚନ୍ଦ୍ରପଦା ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ କରିଥିଲା। ଜବାବରେ ବାମଦେଇପୁର ଟିମ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ୮୨ ରନ କରି ପରାସ୍ତ ହୋଇଥିଲା। ଉଭୟ ଖେଳକୁ ଶିବ ସୁନ୍ଦର, ସାନ୍ତନୁ ମହାନ୍ତି ଓ ଦୀପକ ରାଉତ ପରିଚାଳନା କରିଥିଲେ। ଶୁକ୍ରବାର ଚୋରମୁହାଁ ଟିମ୍ ସହିତ ନୀଳକଣ୍ଠପୁର ଓ ମିର୍ଜାପୁର ସହିତ କୋଲିଅଠା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ସ୍ୱରାଜ ନାୟକ ସୂଚନା ଦେଇଛନ୍ତି।

### ମୋହନଚରଣ ମଲ୍ଲିକ କଳା ସଂସ୍କୃତି ସଂଘ ଉପସଭାପତି

**ଯାଜପୁର ଅଫିସ,୬।୧**

ରସୁଲପୁର ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ମୋହନ ଚରଣ ମଲ୍ଲିକ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କଳାକାରମାନଙ୍କ ବିକାଶ ପାଇଁ ସରକାର ଓ ପ୍ରଶାସନର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୋଷ କୁମାର ପଣ୍ଡା ଯାଜପୁର, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ କୋରେଇ, ପ୍ରସନ୍ନ କୁମାର କର ଧର୍ମଶାଳା, ତରଣୀସେନ ରାଉତ ବଡ଼ଚଣା, ଅର୍ଜ୍ଜୁନ ଚରଣ ପଣ୍ଡା ବିଞ୍ଝାରପୁର, ମନୋରଞ୍ଜନ ଦାସ ସୁକିନ୍ଦା, ଭାଗୀରଥି ବାରିକ ଦାନଗଦି ଓ ମହେଶ୍ୱର ପରିଡ଼ା ଦଶରଥପୁର ବ୍ଲକ୍ ସଂସ୍କୃତି ସଂଘର ଉପସଭାପତି ପ୍ରମୁଖ ଯୋଗ ଦେଇଥିଲେ।

### ମୁକ୍ତା, ଉନ୍ନତି ଯୋଜନାରେ ୭୬ ପ୍ରକଳ୍ପ

**ଯାଜପୁର ଅଫିସ, ୬।୧**

ଯାଜପୁର ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଓ ଉନ୍ନତି ଯୋଜନାରେ ଅନେକ ପ୍ରକଳ୍ପ ଚାଲିଛି। ୫-ଟି ଶାସନ ଆଧାରରେ ଏହି ସହରରେ ୭୬ଟି ପ୍ରକଳ୍ପ ଚୟନ କରାଯାଇ ପ୍ରଥମ ପର୍ଯ୍ୟାୟରେ ୫୩ କାର୍ଯ୍ୟାଦେଶ ଦିଆଯାଇଛି। ଏଥିରେ ୪ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। କ୍ଷୁଦ୍ର ଉଦ୍ୟାନ, ପବ୍ଲିକ ଜିମ୍, ଶିଶୁ କ୍ରୀଡା ଉଦ୍ୟାନ, ରାସ୍ତା, ଶୌଚାଳୟ ଓ ଭେଣ୍ଡିଂ ଜୋନ ଭଳି ପ୍ରକଳ୍ପକୁ ଏଥିରେ ସାମିଲ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ ଏହି ୫୩ ଟି ପ୍ରକଳ୍ପ ମଧ୍ୟରୁ ୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୯ ବସ୍ତି ଅଞ୍ଚଳ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି, ଏମାନଙ୍କୁ ଉପଯୁକ୍ତ ସହାୟତା ଦେବାପାଇଁ ଏକ୍ସପର୍ଟ ଓ ଇଞ୍ଜିନିୟରମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ। ବୁଧବାର ଯାଜପୁର ପୌରପାଳିକା ସମ୍ମିଳନୀ ଗୃହରେ ମୁକ୍ତା କାର୍ଯ୍ୟାଳୟର କାର୍ଯ୍ୟାଦେଶ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାନିଟେଶନ ଏକ୍ସପର୍ଟ ଦେବାଶିଷ ଭୂୟାଁ, ଇମ୍ପ୍ଲିମେଣ୍ଟେଶନ ଏକ୍ସପର୍ଟ କୌଶଲ୍ୟା ବେହେରା, ସିଓ ତନ୍ମୟୀ ସାହୁ, ବିଶ୍ୱ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟାଦେଶ ସହ ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ପରିଚୟ ପତ୍ର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଜାନୁୟାରୀ, ୨୦୨୨



## ଧାନ ଅମଳ ଯନ୍ତ୍ରରେ ଚାପି ହେଲା ହାତ

ହିଞ୍ଜିଳିକାଟୁ,୬।୧(ଡି.ଏନ.ଏ.)-ହିଞ୍ଜିଳି ଥାନା ଗିରିଆ ନାରାୟଣପୁର ଗ୍ରାମରେ ଗୁରୁବାର ଧାନ ଅମଳ ଯନ୍ତ୍ର (ଥ୍ରେସର)ରେ ହାତ ପଶି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଗିରିଆ ଗ୍ରାମର ବିନୋଦ ନାୟକ । ଧାନ ଅମଳ ଯନ୍ତ୍ରରେ ବିନୋଦଙ୍କ ପାପୁଲି ହୋଇ ରହିଥିଲା। ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

### ସଂକ୍ଷେପରେ

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଚକାପାଦ,୬।୧: ଚକାପାଦ ଥାନା ନିକଟ ପାଣ୍ଡିସିମା ବୃତଙ୍ଗ ପୋଲ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ବିଦ୍ୟାଧର ମୁଦୁଲି । ପୋଲିସ ମୃତଦେହକୁ ଚବତ କରି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ବିଦ୍ୟାଧର ବାଇକ୍‌ରେ ଯିବା ବେଳେ ସାଇକେଲରେ ଆସୁଥିବା ଜଣେ ଛାତ୍ରୀଙ୍କୁ ଧକ୍କା ଦେବାରୁ ସେ ଆହତ ହୋଇଥିଲେ। ପରେ ବାଇକ୍‌ଟି ଏକ ଟ୍ରାକ୍ଟରକୁ ଅତିକ୍ରମ କରିବା ସମୟରେ ଉକ୍ତ ଟ୍ରାକ୍ଟର ଧକ୍କା ଦେବାରୁ ବିଦ୍ୟାଧରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ଗୁରୁତର ହୋଇ ପଡ଼ିଥିଲେ। ଆହତ ଛାତ୍ରୀ ଓ ବିଦ୍ୟାଧରଙ୍କୁ ବ୍ରାହ୍ମଣ ପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ବେଳେ ବାଟରେ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଚକାପାଦ ଥାନାରେ ନଂ.୧/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ କହିଛନ୍ତି ।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ଆସିକା,୬।୧(ଡି.ଏନ.ଏ.): ଆସିକା ବିଜ୍ଞାନ କଲେଜ ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ଡ. ଶରତ କୁମାର ଜେନା ଯୋଗଦେଇଥିଲେ । ପାଠଚକ୍ରର ଆଲୋଚ୍ୟ ବିଷୟ ଭାରତୀୟ ସଂଘୀୟ ବ୍ୟବସ୍ଥା ଉପରେ ମୁଖ୍ୟବକ୍ତା ଜେନାଙ୍କ ସମେତ ଡ. ଅଭୟ କେଶରୀ ପରିଛା ପଟ୍ଟନାୟକ, ପ୍ରଦୀପ ଶବର, ଅନିଲ ପ୍ରଧାନ ଏବଂ ଯୁକ୍ତ୩ ଶେଷ ବର୍ଷ ଛାତ୍ର ପବିତ୍ର କୁମାର ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ ।

## ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍, ବେଗୁନିଆପଡ଼ା ଟିମ୍ ବିଜୟୀ

ହିଞ୍ଜିଳିକାଟୁ,୬।୧(ଡି.ଏନ.ଏ.):ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମରେ ଚାଲିଥିବ ହିଞ୍ଜିଳିକାଟୁ ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଶେରଗଡ଼ର ରାଜବଂଶ କ୍ରିକେଟ କ୍ଲବ ଓ ବେଗୁନିଆପଡାର ପାୟୋନିୟର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଶେରଗଡ଼ ଟିମକୁ ୬ ଉଇକେଟରେ ହରାଇ ବେଗୁନିଆପଡା ଟିମ୍ ବିଜୟୀ ହୋଇଛି। ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପୌରାଞ୍ଚଳ ପ୍ରତିନିଧି ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ବେଗୁନିଆପଡା ଦଳର ଚନ୍ଦନ ପ୍ରଧାନ ଓ ସନ୍ତୋଷ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ପାଢ଼ୀ ଓ ବିଷ୍ଣୁ ପଣ୍ଡା ଅମ୍ପାୟର ଦାୟିତ୍ୱରେ ଥିବା ବେଳେ ସୁରଜ ସାବତ, ଅମୁଲ୍ୟ ପଣ୍ଡା, ରାକେଶ, ଜିତୁ, ଜଗନ ଡାକୁଆ,ବସନ୍ତ ଗଉଡ, ସଚିନ, ସିମାଞ୍ଚଳ,କାହ୍ନା, ପ୍ରଶାନ୍ତ ପ୍ରଧାନଙ୍କ ସମେତ ଆୟୋଜକ ଇଗଲ କ୍ରିକେଟ କ୍ଲବର ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ନଷ୍ଟ କରାଗଲା ବ୍ୟାପକ ଗଞ୍ଜେଇ ଗଛ

ନୂଆଗଡ,୬।୧(ଡି.ଏନ୍.ଏ.):ଗଜପତି ଜିଲା ଆର୍.ଉଦୟଗିରି ଥାନା ପକ୍ଷରୁ ନୂଆଗଡ଼ ବ୍ଲକ ଅନ୍ତର୍ଗତ କିରାମା ପଞ୍ଚାୟତର ପେଡ଼ିକାପଦର ଗ୍ରାମାଞ୍ଚଳରେ ପ୍ରାୟ ୧୧୭.୭୫ ଏକର ଜମିରେ ବେଆଇନ ଭାବେ ୨ଲକ୍ଷ ୩୫ ହଜାର ୫ ଶହ ଗଞ୍ଜେଇ ଗଛ ଲଗାଯାଇଥିଲା। ଅବକାରୀ, ପୋଲିସ, ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏ ନେଇ ଥାନାରେ ନଂ.୨/୨୨ରେ ମାମଲା ରୁଜୁ କରାଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୩ କୋଟି ୫୫ଲକ୍ଷ ଟଙ୍କା ହେବ ବୋଲି ଆର୍.ଉଦୟଗିରି ଥାନାଧିକାରୀ ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା, ସମ୍ବଲପୁର ଅମିନ ତପନ କୁମାର ସାହୁ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର

ବୁଗୁଡା,୬।୧(ଡି.ଏନ.ଏ.):ବୁଗୁଡ଼ା ମଦନ ମୋହନ ଛକ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ସହକାରୀ ଯନ୍ତ୍ରୀ ରମେଶ କୁମାର ଚୌଧୁରୀ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ଚିତ୍ରସେନ ପ୍ରଧାନ, ଗଙ୍ଗାପାଣି ଜେନା, ପ୍ରମୋଦ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ରହିଥିଲେ।

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

### ପାଣ୍ଡରାବାଡିକୁ ରାଜସ୍ୱ ଗ୍ରାମ, ଆଡାସିପଡାରେ ମୋବାଇଲ ନେଟୱର୍କ ଦାବି

ଫୁଲବାଣୀ ଅଫିସ/ବଲସକୁମ୍ପା,୬।୧

ଖଜୁରିପଡା ବ୍ଲକ ଆଡାସିପଡା ପଞ୍ଚାୟତ ପାଣ୍ଡରାବାଡିକୁ ରାଜସ୍ୱ ଗ୍ରାମ ମାନ୍ୟତା ଏବଂ ଆଡାସିପଡାରେ ମୋବାଇଲ ନେଟୱର୍କ ସୁବିଧା କରା ନ ଗଲେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମବାସୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଗୁରୁବାର ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ପୃଥକ ଦାବିପତ୍ର ପ୍ରଦାନ କରାଯାଇଛି।

ପାଣ୍ଡରାବାଡି ଗ୍ରାମ ଅବହେଳିତ ହୋଇ ରହଥିବା ବେଳେ ବାରମ୍ୱାର ଦାବି ପରେ ମଧ ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁନାହିଁ । ଫଳରେ ସରକାରଙ୍କ ବହୁବିଧ ଯୋଜନା ଏଠାରେ କାର୍ଯ୍ୟାକରୀ ହୋଇପାରୁ ନାହିଁ । ତେଣୁ ତୁରନ୍ତ ଏହି ପଡା ଗ୍ରାମକୁ ରାଜସ୍ୱ ଗ୍ରମର ମାନ୍ୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ସେହିପରି ଆଡାସିପଡା ପଞ୍ଚାୟତରେ ନେଟୱର୍କ ସମସ୍ୟା ଲାଗି ରହିଛି । ଏ ନେଇ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ବି ସମସ୍ୟା ପ୍ରତି ଦୃଷ୍ଟି ଦିଆ ଯାଉନାହିଁ। ନେଟୱର୍କ ସମସ୍ୟା ଯୋଗୁ ଜରୁରୀକାଳୀନ ସେବା ମିଳିପାରୁନାହିଁ। କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସକୁ ଯୋଗାଯୋଗ ହୋଇପାରୁନାହିଁ। ସେହିପରି ନେଟୱର୍କ ନ ଥିବାରୁ ପିଲାମାନେ ନ ଲାଇନ ପଢ଼ି ପାରୁନାହାନ୍ତି। ବାଧ ହୋଇ ପିଲାମାନେ ପାହାଡ, ଗଛ ଉପରକୁ ଯାଇ ନେଟୱର୍କ ଖୋଜୁଛନ୍ତି। ଏସବୁ ସମସ୍ୟାର ସମାଧାନ ନ ହେଲେ ନିର୍ବାଚନ ବର୍ଜନ କରାଯିବ ବୋଲି ସରପଞ୍ଚ ଜେମାଦେଇ ପ୍ରଧାନଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ପୂର୍ବତନ ସରପଞ୍ଚ ବନମାଳୀ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆପ୍‌ର ଗଜପତି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୬।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି କରଣ ସାହିଠାରେ ଆମ ଆଦ୍‌ମୀ ପାର୍ଟି(ଆପ୍)ର ଗଜପତି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦଳର ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଆବାହକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଆବାହକ ଭଞ୍ଜ ସାମନ୍ତଙ୍କ ସମେତ ଜିଲା ସଭାନେତ୍ରୀ ଶୈଳବାଳା ପଣ୍ଡା, କିଶୋର ଚନ୍ଦ୍ର ଗୁରୁ, ଲିଙ୍ଗରାଜ ପାଣିଗ୍ରାହୀ, ଗୁମ୍ମା ବ୍ଲକ ଆବାହକ ବୋୟାଜ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ଆସିଥିବା ଦଳୀୟ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ ସହ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ କହିଥିଲେ। ଏହି ଅବସରରେ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କିଛି ନୂଆ କର୍ମୀ ଦଳରେ ଯୋଗ ଦେଇଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦାସ୍ଥିତ ବାବା ସାହେବ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲବଣ୍ୟେନ୍ଦୁ ମହାନ୍ତି ଶିବିରକୁ ଉଦଘାଟନ କରିଥିଲେ। ୨୩୭ ଜଣ ଭିନ୍ନକ୍ଷମ ଏଥିରେ ନାମ ପଞ୍ଜିକୃତ କରିଥିଲେ। ଶିବିରରେ ଭିନ୍ନକ୍ଷମମାନଙ୍କୁ ବସ ଓ ଟ୍ରେନ ପାସ, ଟ୍ରାଇ ସାଇକେଲ, ବଧିର ଯନ୍ତ୍ର ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଧାରିତ ପାସ ଦିଆଯାଇଥିଲା। ଏଥିସହ ୧୮ବର୍ଷରୁ ଅଧିକ ବର୍ଗର ଟିକା ଗ୍ରହଣ କରି ନ ଥିବା ଲୋକଙ୍କୁ କରୋନା ଟିକା ଦିଆଯାଇଥିଲା। ଡିଏସଏସ କଲ୍ୟାଣୀ ଦାସଙ୍କ ସମେତ ନୂଆଗଡ ଆଡିଶନାଲ ତହସିଲଦାର ଡ଼. ସାନ୍ତନୁ କୁମାର ପାଢ଼ୀ, ଡ଼.ସମୀର ଦାସ ପ୍ରମୁଖ ଯୋଗଦେଇଥିଲେ।


ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

## ଘୁମୁସର ବନଖଣ୍ଡରେ ପକ୍ଷୀଗଣନା

ଭଞ୍ଜନଗର,୬।୧(ଡି.ଏନ.ଏ.)

ଭଞ୍ଜନଗର ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ବୁଧବାର ପକ୍ଷୀ ଗଣନା କରାଯାଇଛି। ଏହି ଦୁଇ ବନଖଣ୍ଡ ଅନ୍ତର୍ଗତ ୧୦ଟି ବନାଞ୍ଚଳର ବିଭିନ୍ନ ଜଳାଶୟରେ ବନ କର୍ମଚାରୀମାନେ ପକ୍ଷୀ ଗଣନା କରିଛନ୍ତି । ଭୋରରୁ ପକ୍ଷୀ ଗଣନା ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଥିଲା। ଦକ୍ଷିଣ ବନଖଣ୍ଡ ୫ଟି ରେଞ୍ଜର ୨୧ଟି ସେକ୍ସନରେ ୩୮ ଟିମ ବିଭିନ୍ନ ଜଳାଶୟ ନିକଟରେ ପକ୍ଷୀ ଗଣନା କରିଥିବା ଡିଏଫଓ ଦିଲୀପ କୁମାର ରାଉତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ କିଛି ନୂତନ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡିଛି। ରିପୋର୍ଟ ଆସିଲେ ପ୍ରକୃତ ସଂଖ୍ୟା ଜଣାପଡିବ ବୋଲି ସେ କହିଛନ୍ତି। ସେହିପରି ଉତ୍ତର ବନଖଣ୍ଡର ୫ ଟି ରେଞ୍ଜରେ ୨୪ଟି ଟିମରେ ପ୍ରାୟ ୯୦ ଜଣ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ପକ୍ଷୀ ଗଣନା ନେଇ ବନ କର୍ମଚାରୀଙ୍କୁ ପୂର୍ବରୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ଆସନ୍ତା ୧୦ ତାରିଖ ମଧ୍ୟରେ ସମସ୍ତ ବନାଞ୍ଚଳରୁ ରିପୋର୍ଟ ଆସି ପହଞ୍ଚିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ନୂଆଗଡ଼ରେ ଶୀତର ପ୍ରକୋପ ବୃଦ୍ଧି

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ନୂଆଗଡ ବ୍ଲକରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ଏଠାରେ ତାପମାତ୍ରା ପ୍ରାୟ ୧୦ରୁ ୧୩ ଡିଗ୍ରୀ ମଧ୍ୟରେ ରହୁଛି। ହାଡ଼ଭଙ୍ଗା ଶୀତରେ ନୂଆଗଡ ସମେତ ଖ ଖଲରସିଂ ଅଞ୍ଚଳ ଥରି ଉଠୁଛି। ଲୋକେ ସକାଳ ୯ଟା ଯାଏ ଘରୁ ବାହାରିପାରୁନାହାନ୍ତି। ଅନ୍ୟପକ୍ଷରେ କେତେକ ଶରୀରକୁ ଫୁର୍ତ୍ତି ରଖିବାକୁ ବ୍ୟାୟମ କରୁଛନ୍ତି। ସକାଳୁ କୁହୁଡି ଓ ଶୀତର ମଜା ନେଉଛନ୍ତି। ଚା' ଦୋକାନରେ ଲୋକଙ୍କ ଭିଡ ଜମୁଛି। ଜାଡ଼ରୁ ରକ୍ଷା ପାଇଁ ଶୀତ ବସ୍ତ୍ରର ଚାହିଦା ବଢୁଛି। ଲୋକେ ନିଆଁ ଚାରିପାଖେ ବସି ରହୁଥିବା ଦେଖାଯାଉଛି। ପାହାଡ ବୃକ୍ଷଲତା ଉପରେ କୁହୁଡ଼ିର ଆସ୍ତରଣ ଓ ଶିଶିର ଟୋପା ପ୍ରକୃତି ପ୍ରେମୀଙ୍କୁ ଆମୋଦିତ କରୁଛି। ସେହିପରି ଅପରାହ୍ନ ୪ଟା ପରଠାରୁ ଶୀତ ଆରମ୍ଭ ହୋଇଯାଉଛି।

## ନଷ୍ଟ କରାଗଲା ବ୍ୟାପକ ଗଞ୍ଜେଇ ଗଛ

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ଆର୍.ଉଦୟଗିରି ଥାନା ପକ୍ଷରୁ ନୂଆଗଡ଼ ବ୍ଲକ ଅନ୍ତର୍ଗତ କିରାମା ପଞ୍ଚାୟତର ପେଡ଼ିକାପଦର ଗ୍ରାମାଞ୍ଚଳରେ ପ୍ରାୟ ୧୧୭.୭୫ ଏକର ଜମିରେ ବେଆଇନ ଭାବେ ୨ଲକ୍ଷ ୩୫ ହଜାର ୫ ଶହ ଗଞ୍ଜେଇ ଗଛ ଲଗାଯାଇଥିଲା। ଅବକାରୀ, ପୋଲିସ, ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏ ନେଇ ଥାନାରେ ନଂ.୨/୨୨ରେ ମାମଲା ରୁଜୁ କରାଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୩ କୋଟି ୫୫ଲକ୍ଷ ଟଙ୍କା ହେବ ବୋଲି ଆର୍.ଉଦୟଗିରି ଥାନାଧିକାରୀ ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା, ସମ୍ବଲପୁର ଅମିନ ତପନ କୁମାର ସାହୁ ଉପସ୍ଥିତ ଥିଲେ।

## ଚାଷୀଙ୍କ ସହ ଆଲୋଚନା କଲେ କୃଷକ ମୋର୍ଚ୍ଚା କର୍ମକର୍ତ୍ତା

ନୟାଗଡ଼ ଅଫିସ,୬।୧

ରାଜ୍ୟ କୃଷକ ମୋର୍ଚ୍ଚାର ୪ଜଣିଆ ଟିମ୍ ବୌଦ୍ଧ ଗସ୍ତ କରିଛି । ଏହି ଟିମ୍ ନୟାଗଡ଼ରେ ଗୁରୁବାର ପହଞ୍ଚିବା ପରେ ଧାନ ମଣ୍ଡି ନେଇ ସୁବିଧା ଅସୁବିଧା ସମ୍ପର୍କରେ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରଶ୍ନ କରାଯାଇଥିଲା । ନୟାଗଡ଼ରେ ବିଳମ୍ବରେ ମଣ୍ଡି ଖୋଲିଥିବାରୁ ଚାଷୀ ଧାନ ବିକିବାରେ ହଇରାଣ ହରକତ ହୋଇଥିବା କହିଥିଲେ । ଏପରିକି ଅଭାବୀ ଧାନ ବିକ୍ରି ଚାଲିଛି ବୋଲି ଦର୍ଶାଇଥିଲେ । ଏହି ଟିମ୍‌ରେ କୃଷକ ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ରାଜ୍ୟ ସମ୍ପାଦକ ସତ୍ୟବାଦୀ ଚଇନି, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ରାଜୀବ ଲୋଚନ ଷଡଙ୍ଗୀ ଓ ଶ୍ରୀନିବାସ ପାତ୍ର ଅଛନ୍ତି । ଏହି ଟିମ୍ ସହ ନୟାଗଡ଼ ଭାଜପା ନେତା ସନ୍ତୋଷ ପ୍ରଧାନ ସାମିଲ ଥିଲେ । ଏହି ଟିମ୍ ଗୁରୁବାର ବୌଦ୍ଧରେ ପହଞ୍ଚିଛି। ଏହି ଟିମ୍ ବଲାଙ୍ଗୀର, ସୋନପୁର, ରେଢ଼ାଖୋଲ, ବୌଦ୍ଧ, ନୂଆପଡା, ବରଗଡ ଜିଲାକୁ ଯାଇ ମଣ୍ଡି ସମସ୍ୟା ଅନୁଧ୍ୟାନ କରିବେ । କୃଷକମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଏହାର ନେତୃତ୍ୱ ନେଇଛନ୍ତି ।


ନୟାଗଡ଼ରେ ପହଞ୍ଚି ଥିବା କୃଷକ ମୋର୍ଚ୍ଚା କର୍ମକର୍ତ୍ତା ।

## କଲେଜ ଫାଟକରେ ତାଲା ଝୁଲାଇ ପ୍ରତିବାଦ

- ସେମିଷ୍ଟାର ଇଣ୍ଟରନାଲ ପରୀକ୍ଷା ଘୁଞ୍ଚାଇବାକୁ ଦାବି
- ଦାବି ପୂରଣ ପରେ ହଟିଲା ଆନ୍ଦୋଳନ

ନୟାଗଡ଼ ଅଫିସ,୬।୧

ସେମିଷ୍ଟାରର ଇଣ୍ଟରନାଲ ପରୀକ୍ଷା ବନ୍ଦ ଦାବିରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ଆନ୍ଦୋଳନ ଦେଖା ଦେଇଥିଲା । ଯୁକ୍ତ ୩ ପ୍ରଥମ, ୨ୟ ଓ ତୃତୀୟ ବର୍ଷର ଛାତ୍ରମାନେ ମହାବିଦ୍ୟାଳୟର ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ।। ଛାତ୍ରମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ମହାବିଦ୍ୟାଳୟ ପକ୍ଷରୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯିବା ପରେ ୩ ଘଣ୍ଟା ପରେ ଆନ୍ଦୋଳନ ହଟିଥିଲା । ଏନେଇ ଯୁକ୍ତ ୩ ୨ୟ ବର୍ଷର ଛାତ୍ର ଦେବାଶିଷ ମାର୍ଥା କୁହନ୍ତି, କରୋନା କାୟା ବିସ୍ତାର କରିବା ପରେ ଭୟ ବଢ଼ିଛି । ମହାବିଦ୍ୟାଳୟକୁ ଆସିବାକୁ ଭୟ ଲାଗୁଛି । ଏଭଳି ସ୍ଥଳେ ପରୀକ୍ଷା ଟେନଶନ ଦେଇଛି। ଏଣୁ ଇଣ୍ଟରନାଲ ପରୀକ୍ଷା ଘୁଞ୍ଚାଇବା ଦାବିରେ ଆନ୍ଦୋଳନ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ କୁହନ୍ତି, ଛାତ୍ରଙ୍କ ଆନ୍ଦୋଳନକୁ ଦେଖି ପରୀକ୍ଷା ଘୁଞ୍ଚାଇ ଦିଆଯାଇଛି । ଅନ୍ୟପକ୍ଷେ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ, ୨ୟ ଓ ତୃତୀୟ ବର୍ଷ ପାଇଁ କେବଳ ଗୋଟିଏ ସିଟିଂ ପରୀକ୍ଷା କରାଯିବ । କୋଭିଡ୍ ଗାଇଡ୍ ଲାଇନକୁ ଆଖି ଆଗରେ ରଖି ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି ।


ଛାତ୍ରମାନେ କଲେଜ ଫାଟକ ବନ୍ଦ କରିଛନ୍ତି ।

## ଯୌତୁକଜନିତ ହତ୍ୟା ଅଭିଯୋଗ

ଖଲ୍ଲିକୋଟ,୬।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ସମଲ ଗ୍ରାମରେ ଅଧିକ ଯୌତୁକ ଦାବିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତ ବଧୂ ହେଲେ ତେନ୍ତୁଳିଆପଡ଼ା ଗ୍ରାମର ପୀତବାସ ବେହେରାଙ୍କ ଝିଅ ତପସ୍ୱିନୀ। ଖଲ୍ଲିକୋଟ ଥାନାରେ ତପସ୍ୱିନୀଙ୍କ ବାପା ଏ ନେଇ ଏତଲା ଦେଇଛନ୍ତି। ତପସ୍ୱିନୀଙ୍କୁ ସମଲ ଗ୍ରାମର ସାଗର ଜାଲି ୧୦ ବର୍ଷ ହେବ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ଗୁରୁବାର ସାଗରଙ୍କ ଘରୁ ତପସିନୀଙ୍କ ବାପା ପିତବାସଙ୍କ ପାଖକୁ ତୁମ ଝିଅ ଆତ୍ମହତ୍ୟା କରିଥିବା ନେଇ ଫୋନ ଯାଇଥିଲା । ପୂର୍ବରୁ ଝିଅର ଶ୍ୱଶୁର ଘର ଲୋକେ ୫୦ ହଜାର ଟଙ୍କା ଯୌତୁକ ଦାବି କରି ଝିଅକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ବାପା ଅଭିଯୋଗ କରିଛନ୍ତି । ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ନଂ.୧୮/୨୨ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ସ୍ୱାମୀ ସାଗର ଜାଲିଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରହିଛି।

## ଶର୍ଟ ସର୍କିଟରୁ ଦୋକାନରେ ଅଗ୍ନିକାଣ୍ଡ

କ.ନୂଆଗାଁ,୬।୧(ଡି.ଏନ.ଏ.)

କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ଚଞ୍ଚଳାସାହି ଛକ ଠାରେ ଥିବା ଗୁନା ମିଶ୍ରଙ୍କ ଦୋକାନରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଫ୍ରିଜ୍ ଓ ଅନ୍ୟାନ୍ୟ ଜିନିଷ ପୋଡ଼ିଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ନିଆଁ ଲାଗିବା ପରେ ଚଞ୍ଚଳା ସାହି ଛକର ଲୋକେ ଆସି ପ୍ରଥମେ ନିଆଁ ଆୟତ କରିଥିଲେ। ଖବରପାଇ ତୁରନ୍ତ ସାରଙ୍ଗଡ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ । ଦୋକାନ ମାଲିକ ଗୁନା ମିଶ୍ର ବ୍ୟାଙ୍କ ଋଣ ଆଣି ଦୋକାନ ଚଳାଇ ପରିବାର ପୋଷଣ କରୁଥିଲେ ।

## ଜାଗ୍ରତ କନ୍ଧମାଳର ସଚେତନତା ଶିବିର

ଫୁଲବାଣୀ ଅଫିସ, ୬।୧

ଫିରିଙ୍ଗିଆ ବ୍ଲକ ବନ୍ଧଗଡ ମା' ବରାଳଦେବୀଙ୍କ ପଡିଆରେ ଜାଗ୍ରତ କନ୍ଧମାଳର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁଙ୍କ ସମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା । ପ୍ରେମାନନ୍ଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ମିଡିଆ ଫୋରମ ସଭାପତି ସୁନୀଲ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜାଗ୍ରତ କନ୍ଧମାଳ ଓଡ଼ିଶା ସଭାପତି ପ୍ରଶାନ୍ତ ମହାନ୍ତି, ସଂଗଠନର ଉପଦେଷ୍ଟା ଶ୍ୱେତାବନ ପୂଜାରୀ, ଅଙ୍ଗଦ ବେହେରା, ବନ୍ଧଗଡ଼ ପୂର୍ବତନ ସରପଞ୍ଚ ଅନିଲ କହଁର, ସଂଗଠନର ସହସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପଛୁଆବର୍ଗଙ୍କ ଜାତି ଗଣନା ୧୯୩୧ ମସିହା ଠାରୁ ଆଜି ପର୍ଯ୍ୟନ୍ତ କରା ନ ଯିବା ଓ ସେମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବା ଦୁଃଖର ବିଷୟ ବୋଲି ସଂଗଠନ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ସତ୍ୟନାରାୟଣ ବେହେରା ମତବ୍ୟକ୍ତ କରିଥିଲେ। ଶିବିରରେ ୨୫୦ ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମର ଦେହୁରୀ, ପୂଜକ, ଜାନୀ, ମାଟି ଗୁରୁ, କଳାକାର ମାନଙ୍କୁ ମାନପତ୍ର ଏବଂ ଉରୀୟ ଦିଆଯାଇ ସମ୍ମାନିତ କରା ଯାଇଥିଲା। ଯୋଗେଶ ଦିଆଲ ଧନ୍ୟବାଦ ଦେଇଥିଲେ।

## ନୂତନ ସବ୍‌ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୬।୧(ଡି.ଏନ.ଏ.)

ଖଲ୍ଲିକୋଟ କୋର୍ଟ ପରିସରରେ ବୁଧବାର ନୂତନ ଭାବେ ଯୋଗ ଦେଇଥିବା ସବଜଜ୍ ଜୟପ୍ରକାଶ ନାଏକଙ୍କୁ ବାର୍ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଖଲ୍ଲିକୋଟ ବାର୍ ସମ୍ପାଦକ ଜ୍ୟୋତିଷ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ (ଏଡିଜେ) ଆଶୁତୋଷ ଦାଶ, ଜେଏମଏଫସି ଶିବାନୀ ମିଶ୍ର, ବାର ସହସମ୍ପାଦକ ସନ୍ତୋଷ ମିଶ୍ର ମଞ୍ଚାସୀନ ଥିଲେ। ଏଡିଜେ ଦାସ ଖଲ୍ଲିକୋଟ ବାରର ପ୍ରଶଂସା କରିବା ସହ କିପରି ମକଦ୍ଦମାଗୁଡ଼ିକ ଶୀଘ୍ର ଫଇସଲା ହୋଇପାରିବ ଓକିଲମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନୂତନ ସବଜଜ୍ ଖଲିକୋଟ ବାର ଓ ବେଞ୍ଚର ସୁସମ୍ପର୍କର ଗୁରୁତ୍ୱ ଦେବା ସହ ସାଧାରଣ ଜନତା ଯେପରି ନ୍ୟାୟ ପାଇବେ ଉଦ୍ୟମ କରିବାକୁ ହେବ ବୋଲି କହିଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ରଥ, ପ୍ରଶାନ୍ତ ପଣ୍ଡା, ସୀମାଞ୍ଚଳ ବେହେରା ପ୍ରମୁଖ ଖଲ୍ଲିକୋଟ ବାରର ସମ୍ମାନକୁ ବଜାୟ ରଖିବା ପାଇଁ ମତ ରଖିଥିଲେ।


ସ୍ୱାଗତ ସମ୍ବର୍ଦ୍ଧନା ସଭା।

## ଗଞ୍ଜାମ ଏନଏସି ଦାୟିତ୍ୱ ନେଲେ ତହସିଲଦାର

ଗଞ୍ଜାମ,୬।୧(ଡି.ଏନ.ଏ.)

ଗଞ୍ଜାମ ଏନଏସିରେ ନୂତନ ଭାବେ ଅରୁଣ କୁମାର ନାୟକ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଏନ୍ଏସି ନିର୍ବାହୀ ଅଧିକାରୀ ରୋନିତ କୁମାରଙ୍କ ଅସୁସ୍ଥତା ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଏହି ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବାପରେ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଡାକିଏକ ଆଲୋଚନା ବୈଠକ କରିଥିଲେ। ଏଥିରେ ବିଭିନ୍ନ ଉନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଟେଣ୍ଡର ହୋଇଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ତହସିଲଦାର ବିଭିନ୍ନ ଦୋକାନରେ ପଞ୍ଚସୂତ୍ର ପାଳନ ଏବଂ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଆଇ ଲଭ ୟୁ ଗଞ୍ଜାମ ପାଇଁ ସ୍ଥାନ ଚିହ୍ନଟ କରିଥିଲେ ତହସିଲଦାର। ବୈଠକରେ ଦୀପ୍ତି ରଞ୍ଜନ ପୃଷ୍ଟି, ସ୍ୱପ୍ନାରାଣୀ ମହାପାତ୍ର, ବିଷ୍ଣୁ ପ୍ରିୟା ସାବତ, ଭଗ୍ୟଶ୍ରୀ ନାୟକ, ମିଳନ ମୁର୍ମୁ ଜଗତ ଜ୍ୟୋତି ସାମଲ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବିଶ୍ୱାବସୁଙ୍କ ଗାଁ ପ୍ରତି ଅଣଦେଖା

ଖଣ୍ଡପଡ଼ା,୬।୧(ସ୍ୱ.ପ୍ର.)


ଶବର ରାଜା ବିଶ୍ୱାବସୁଙ୍କ ଗାଁ କାଳିଆ ପଲ୍ଲୀ ।

- ୩ଟି ନଳକୂପରୁ ୨ ଅଚଳ
- ଗାଁ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ସ୍ୱପ୍ନ
- ସ୍ଥାୟୀ ଜମି ପଟ୍ଟା ମିଳୁନାହିଁ
- ଆଦିବାସୀ ମେଳି ପାଇଁ ଚାଲିଛି ଯୋଜନା

ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀ ନୀଳମାଧବ ସର୍ବଜନବିଦିତ। ଦିନେ ଘଞ୍ଚ ବଣ ଜଙ୍ଗଲରେ ପୂର୍ଣ୍ଣ ଥିବା ଏହି ସ୍ଥାନକୁ ଶବର ରାଜା ବିଶ୍ୱାବସୁ ପ୍ରତ୍ୟହ ଆସି ପୂଜାର୍ଚ୍ଚନା କରୁଥିଲେ ବୋଲି କଥିତ ଅଛି । ଏହି ମନ୍ଦିରଠାରୁ ପ୍ରାୟ ୪ କିଲୋମିଟର ଦୂରରେ ଅଛି ବିଶ୍ୱାବସୁଙ୍କ ଗାଁ କାଳିଆପଲ୍ଲୀ । ଖଣ୍ଡପଡ଼ା ଓ ଭାପୁର ବ୍ଲକ ସୀମାନ୍ତବର୍ତ୍ତୀ ଏହି ଅଖ୍ୟାତ ଶବରବହୁଳ ଗାଁ କାଳିଆପଲ୍ଲୀ ରୂପେ ପରିଚିତ । ସେଦିନ ପରି ଏହି ଗାଁ ଆଜି ବି ଅବହେଳି ଅବସ୍ଥାରେ ରହିଛି । ଭାଗ୍ୟ ଓ ଭାଗବାନଙ୍କୁ ଦ୍ୱାହି ଦେଇ ଗାଁର ଲୋକମାନେ ଏବେ ବି ଦିନ କାଟୁଛନ୍ତି ।

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ତଥା କଣ୍ଟିଲୋ–କଳାପଥର ରାଜପଥ କମେଇ ସେଠୁଠାରୁ ପ୍ରାୟ ୬କିଲୋମିଟର ଦୂରରେ ଥିବା ଧାନଚେଙ୍ଗଡା ପଞ୍ଚାୟତର କାଳିଆପଲ୍ଲୀ ଗାଁ ଭାପୁର ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୧୮ କିଲୋମିଟର ଦୂରରେ ଅବସ୍ଥିତ । ଲଳିତା ଡୁବୁରୀ ପାହାଡ଼ ପାଦଦେଶରେ ତଥା କୁସୁମୀ ନଦୀ ପାର୍ଶ୍ୱରେ ଅବସ୍ଥିତ କାଳିଆପଲ୍ଲୀ ଗ୍ରାମର ଲୋକମାନେ ସାଧାରଣତଃ ଶବର ସମ୍ପ୍ରଦାୟର । ସମ୍ପ୍ରତି ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ଗାଁର ମହିଳାମାନେ ପ୍ରତିଦିନ ୧୦ରୁ ୧୫ କିଲୋମିଟର ଦୂର ବିଭିନ୍ନ ବଣ ଜଙ୍ଗଲକୁ ଚାଲିଚାଲି ଯାଇ ଜାଳେଣି କାଠ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ପୁରୁଷମାନେ ମୂଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ଏହା ହେଉଛି ସେମାନଙ୍କ ନିତିଦିନିଆ କାମ । ସ୍ୱାସ୍ଥ୍ୟସେବା, ବଜାର ସୁବିଧା ଭଳି ଅନେକ କ୍ଷେତ୍ରରେ ଏହି ଗାଁର ଲୋକମାନେ ମୁଖ୍ୟତଃ କଣ୍ଟିଲୋ ଉପରେ ନିର୍ଭର କରିଥାନ୍ତି । ଏହି ସମ୍ପ୍ରଦାୟର ଲୋକେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଆଦିବାସୀ ଅଧିବାସୀମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାର ନିୟମ ରହିଛି । ମାତ୍ର କାଳିଆପଲ୍ଲୀ ଗ୍ରାମବାସୀ ସେହି ସୁବିଧାରୁ ବଞ୍ଚିତ ହୋଇଥିବା ଗାଁର ମୁରବି କହିଛନ୍ତି। ଏହି ସମ୍ପ୍ରଦାୟର ଲୋକଙ୍କୁ ବିନା ରେକର୍ଡ ପତ୍ରରେ ୫୦ ହଜାର ଟଙ୍କା ବ୍ୟକ୍ତିଗତ ଋଣ ଦେବାର ନିୟମ ରହିଥିଲେ ହେଁ ଏଥିପ୍ରତି ଅଣଦେଖା କରାଯାଉଛି । ଗ୍ରାମରେ ୩ଟି ନଳକୂପ ରହିଛି । ହେଲେ ସେଥିରୁ ୨ଟି ନଳକୂପ ଅଚଳ ରହିଛି । ଖରାଦିନ ଆରମ୍ଭରୁ ଉକ୍ତ ଗାଁରେ ପାଣି ବାଲ୍‌ଟିଏ ପାଇଁ ହାହାକାର ପଡ଼େ । ଗ୍ରାମବାସୀ ନିକଟସ୍ଥ କୁସୁମୀ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରି ବ୍ୟବହାର କରିଥାନ୍ତି। ସଂପୃକ୍ତ ଗ୍ରାମରେ ଏକ ସୌର ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗାଁ କଲ୍ୟାଣ ସମିତି ରହିଛି, ମାତ୍ର ସେହି ସମିତି କେଉଁ କାମ କରୁଛି ତାହା ସ୍ଥାନୀୟ ବାସିନ୍ଦା ଜାଣି ପାରୁ ନ ଥିବା କହିଛନ୍ତି । ଗାଁ ଲୋକଙ୍କ ନିଜସ୍ୱ ଜମି ନାହିଁ । ପାହାଡିଆ ଅଞ୍ଚଳରେ ଯେତିକି ଜମି ରହିଛି ତାହା ଅଣଜଳସେଚିତ । ତେଣୁ ଜମିରେ ଚାଷ କଲେ କେବଳ ବର୍ଷା ଜଳ ଉପରେ ଭରସା କରିବାକୁ ପଡିଥାଏ ବୋଲି ଗ୍ରାମର ମୁରଲୀ ଧର ନାୟକ, ବ୍ରଜବନ୍ଧୁ ବେହେରା, ବିଦ୍ୟାଧର ବେହେରା, ଦିଲ୍ଲୀପ କୁମାର ବେହେରା ପ୍ରମୁଖ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ସେହି ଯୋଜନାରେ କେତେ ପରିମାଣର ଆଦିବାସୀ ଉପକୃତ ହେଉଛନ୍ତି ସେ ସଂକ୍ରାନ୍ତରେ ସମୀକ୍ଷା ହେଉନାହିଁ । ଫଳରେ ଆଦିବାସୀଙ୍କ ବିକାଶ ବାଧାପ୍ରାପ୍ତ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି । ଅନ୍ୟପକ୍ଷେ ଉପରୋକ୍ତ ଗାଁର ସମସ୍ୟାକୁ ନେଇ ବଲାଙ୍ଗୀର ଜିଲାର ଆଦିବାସୀ ନେତା ସତ୍ୟନାରାୟଣ ଭୋଇ ଅବଗତ ହେବା ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆଗାମୀ ଦିନରେ ଏକ ଆଦିବାସୀ ମେଳି କରିବାକୁ ସେ ଗାଁର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ୩୭ ଘର ମାଟିରେ ମିଶିଲା

ଓଡ଼ଗାଁ,୬।୧(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସି ଅଧୀନ ଜାରିଙ୍ଗି ମୌଜାରେ ଗତ ୩୧ ତାରିଖରେ ଭଙ୍ଗା ଯାଇଥିବା ୩୭ ବଖରା ଘରକୁ ପ୍ରଶାସନ ଗୁରୁବାର ମାଟିରେ ମିଶାଇ ଦେଇଛି । ଜବରଦଖଲରେ ଥିବା ଏହି ଘରଗୁଡ଼ିକୁ ପ୍ରଶାସନ ଉଚ୍ଛେଦ କରିଥିଲେ ସୁଦ୍ଧା ଜବରଦଖଲକାରୀମାନେ ଜରିପାଲ ଟାଣି ସେହି ଭଙ୍ଗା ଘର ଭିତରେ ରହିଥିଲେ । ଫଳରେ ପ୍ରଶାସନ ଗୁରୁବାର ପୁଣି ଥରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସେହି ଜାଗାକୁ ଜେସିବିରେ ସମତୁଲ କରି ମାଟିରେ ମିଶାଇ ଦେଇଛି। ହେଲେ ଏନେଇ କେତେଜଣ ବ୍ୟକ୍ତି ଅଦାଲତରୁ ରହିତାଦେଶ ଆଣି ଥିବାରୁ କାମ ବନ୍ଦ ରହିଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ଏହି ମୌଜାରେ ଜଙ୍ଗଲ ଓ ଗୋଚର କିସମ ଜାଗାରେ ଜବରଦଖଲରେ ରହିଥିବା ଯୋଗ୍ୟ ହିତାଧିକାରୀ ପରିବାରଙ୍କୁ ଥଇଥାନ କରିବାକୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି ।

### କିଶୋରଙ୍କ ପାଇଁ ଟିକାକରଣ ଆରମ୍ଭ




ଖଣ୍ଡପଡ଼ା,୬।୧(ସ୍ୱ.ପ୍ର.): ରାଜ୍ୟ ସରକାର କିଶୋରଙ୍କୁ ଟିକାଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଖଣ୍ଡପଡ଼ା ବ୍ଲକରେ ମଧ ଟିକାକରଣ ଆରମ୍ଭ ହୋଇଛି । ବ୍ଲକ ଅଧୀନ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ମୋଟ ୧ହଜାର ୭ଜଣଙ୍କୁ ଟିକା ଦିଆଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା ଅଭିସାର ପଣ୍ଡା କହିଛନ୍ତି। ୧୫ରୁ ୧୮ ବର୍ଷ ବୟସର ସମସ୍ତ କିଶୋରଙ୍କୁ ଆସନ୍ତା ୧ମାସ ମଧ୍ୟରେ ଟିକା ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଅଣ୍ଟା ଭିଡ଼ିଛି ।

### ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୬।୧: ଫାଷ୍ଟ ଟ୍ରାକ ପୋକ୍‌ସୋ ଜଜ୍ ଗୁରୁ ପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପୁରୁଷୋତ୍ତମପୁର ଅଞ୍ଚଳର ଗଗନ ପଲାଇ। ପ୍ରକାଶ ଯେ, ୨୦୧୫ ଅଗଷ୍ଟ ୨୬ରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରୁ ଜଣୈକା ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେଇ ଯାଇଥିଲେ। ଏନେଇ ପୀଡିତାଙ୍କ ପରିବାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୧୧/୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଘଟଣାର କିଛିଦିନ ପରେ ପୋଲିସ ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗଗନଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିଛିମାସ ପରେ ଅଭିଯୁକ୍ତ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଗଗନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍

ଖଣ୍ଡପଡ଼ା,୬।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରରେ ନୂତନ ବସ୍‌ଷ୍ଟାଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପରେ ଏବେ ଖଳିସାହି ବଜାର ଓ ଦଶଦୋଳ ପଡ଼ିଆର ଚତୁଃପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି । ତହସିଲଦାର ପାର୍ଥସାରଥି ହାଂସଦା ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ଖଳିସାହି ଗ୍ରାମର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କ ନିକଟକୁ ତହସିଲ ପକ୍ଷରୁ ନୋଟିସ ପଠାଯାଇଛି । କେବଳ ସେତିକି ନୁହେଁ, ଖଳିସାହି ପାଠାଗାରକୁ ଜବରଦଖଲକରି ରଖିଥିବା ଜଣେ ପ୍ରଭାବଶାଳୀ ବ୍ୟକ୍ତି ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଛନ୍ତି । ଏ ସଂକ୍ରାନ୍ତରେ ପ୍ରଶାସନ ଜାଣିବା ପରେ ତାଙ୍କୁ ମଧ୍ୟ ନୋଟିସ ପଠାଯାଇଛି । ଆସନ୍ତା ୧ମାସ ମଧ୍ୟରେ ସରକାରୀ ଜାଗାରୁ ଜବରଦଖଲ ନ ହଟିଲେ ପୋଲିସ ଉପସ୍ଥିତିରେ ଜେସିବି ମେଶିନ ଲଗାଇ ଜବରଦଖଲକାରୀମାନଙ୍କୁ ହଟାଇ ଦିଆଯିବ ବୋଲି ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି । ସେହିପରି ଖଣ୍ଡପଡ଼ା ସହରର ୧ ନଂ. ୱାର୍ଡ ଅମଲାପଡ଼ାରେ ସରକାରୀ ଜାଗାରେ ଗଢ଼ି ଉଠିଥିବା ସରସ୍ୱତୀ ଶିଶୁ ମନ୍ଦିରଙ୍କୁ ଭାଙ୍ଗି ଦେବାପାଇଁ ତହସିଲ ପକ୍ଷରୁ ନୋଟିସ ପଠାଯାଇଥିବା ସୂଚନା ମିଳିଛି ।

# ରାଜପଥରେ ବସି ପାଠ ପଢ଼ିଲେ ଛାତ୍ରୀଛାତ୍ର

ନୟାଗଡ଼ ଅଫିସ,୬।୧

**ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବି**

ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଶିମିଳିସାହିଠାରେ ଗୁରୁବାର ଛାତ୍ରୀଛାତ୍ର ଧାରଣା ଦେବା ସହ ସେଠାରେ ପାଠ ପଢ଼ିଥିଲେ । ଖବର ପାଇ ନୂଆଗାଁ ତହସିଲଦାର, ବ୍ଲକ ଶିକ୍ଷା ଅଧିକାରୀ, ନୟାଗଡ଼ ସଦର ଥାନା ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ହେଲେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରି ନ ଥିଲେ । ୩ ଘଣ୍ଟାର ଧାରଣା ପରେ ମନକୁ ମନ ଉଠି ଶୁକ୍ରବାର ପୁଣି ଧାରଣା ଦେବେ ବୋଲି କହିଛନ୍ତି। ଅଭିଯୋଗ ଅନୁଯାୟୀ, ନୂଆଗାଁ ବ୍ଲକ ଦୁର୍ଦ୍ଦୁରା ପଞ୍ଚାୟତ ଶିମିଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଘଡେଇଙ୍କ ବଦଳି ହୋଇଛି । ତେବେ ପ୍ରଧାନଶିକ୍ଷକଙ୍କ ବଦଳିକୁ ଛାତ୍ରୀଛାତ୍ର ବିରୋଧ କରି ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ । ବିଭାଗୀୟ କର୍ତ୍ତୃପକ୍ଷ ଦାବି ନ ଶୁଣିବା ପରେ ରାଜରାସ୍ତାକୁ ଛାତ୍ରୀଛାତ୍ର ଓହ୍ଲାଇଥିଲେ । ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି, ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ନେଇ ଜିଲାପାଳ ଯାହା ପଦକ୍ଷେପ ନେବେ । ଏନେଇ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରାଯାଇଛି ।


ଛାତ୍ରମାନେ ଜାତୀୟ ରାଜପଥ ଉପରେ ବସି ପାଠ ପଢୁଛନ୍ତି ।

# ହରିଶ୍ଚନ୍ଦ୍ର ଯୋଜନା ଅନୁଦାନ ଆତ୍ମସାତ୍ ଅଭିଯୋଗ

ନୂଆଗାଁ,୬।୧(ଡି.ଏନ.ଏ.)

ସରକାର ଗରିବ ଲୋକଙ୍କ ହିତ ପାଇଁ ଅନୁଦାନ ପ୍ରଦାନ କରୁଥିବା ବେଳେ ସରକାରୀ କର୍ମଚାରୀମାନେ ସେହି ଟଙ୍କାକୁ ଆତ୍ମସାତ୍ କରୁଥିବା ନେଇ ଅଭିଯୋଗ ହୋଇଛି । ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତରୁ ଏପରି ଅଭିଯୋଗ ଆସିଛି। ଉକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଟଙ୍କା ହିତାଧିକାରୀଙ୍କୁ ନ ଦେଇ ନିଜେ ଉଠାଇ ନେଇଥିବା ଅଭିଯୋଗ ଆଣିଛନ୍ତି କାଣିଗିରି ଗ୍ରାମର ଦୁର୍ଗାମାଧବ ତ୍ରିପାଠୀ ।

ଦୁର୍ଗାମାଧବଙ୍କ କହିବା ମୁତାବକ ତାଙ୍କ ବୋଉ ନୀରା ବେଓ୍ୱାଙ୍କ ୨୦୨୦ ଏପ୍ରିଲ ୪ରେ ପରଲୋକ ହୋଇଥିଲା । ସେ ହରିଶ୍ଚନ୍ଦ୍ର ଅନୁଦାନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ଅନୁଦାନ ନ ମିଳିବାରୁ ସେ ଗୁରବାର ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିଥିଲେ । ଏବେ ମାଇଛେଳି ପଞ୍ଚାୟତରେ କାର୍ଯ୍ୟରତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ବେହେରା ହିତାଧିକାରୀଙ୍କ ପାଇଁ ୨ ହଜାର ଟଙ୍କା ଦିଆଯାଇଥିବା ସୂଚନା ଦେଇଥିଲେ। ଏ ନେଇ ତ୍ରିପାଠୀ ତତ୍କାଳ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ତାରେଣିଆଙ୍କ ସହ ଯୋଗାଯୋଗ କରିଥିଲେ। ତୁମ ଟଙ୍କା କମ୍ପୁଟରରେ ଅଛି, ଦିଆଯିବ । ତୁମେ ଏ ବାବଦରେ କାହାରିକୁ ଜଣାଅ ନାହିଁ ବୋଲି କହିଥିଲେ ।

ଏ ସଂକ୍ରାନ୍ତରେ ତ୍ରିପାଠୀ ଖବରଦାତାମାନଙ୍କ ନିକଟରେ ଅଭିଯୋଗ କରିବା ପରେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ନିର୍ବାହୀ ଅଧିକାରୀ ତାରେଣିଆଙ୍କୁ ପ୍ରଶ୍ନ କରାଯାଇଥିଲା । ଆସିଥିବା ଅନୁଦାନ ହିତାଧିକାରୀଙ୍କୁ ଦେଇଦେବା ପାଇଁ ମାଇଛେଳି ସରପଞ୍ଚଙ୍କୁ କହିଥିଲି ବୋଲି ସେ କହିଥିଲେ । ଏ ବାବାଦରେ ସରପଞ୍ଚ ଲିଙ୍ଗରାଜ ପରିଡ଼ା କହିଛନ୍ତି, ନୀରା ବେଓ୍ୱାଙ୍କ ପରଲୋକ ପରେ ତାଙ୍କ ପୁଅ ଦୁର୍ଗାମାଧବଙ୍କ ଆବେଦନ ଅନୁସାରେ ୨୨।୧୨।୨୦୨୦ରେ ୨ହଜାର ଟଙ୍କା ପଞ୍ଚାୟତର ହରିଶ୍ଚନ୍ଦ୍ର ଯୋଜନା ଆକାଉଣ୍ଟକୁ ଆସିଛି। କିନ୍ତୁ ଅନୁଦାନ ଆସିବା ପରେ ଆବେଦନକାରୀ ନ ଆସିବାରୁ ଟଙ୍କା ଦିଆଯାଇନାହିଁ। ଉକ୍ତ ଟଙ୍କା ପଞ୍ଚାୟତର ହରିଶ୍ଚନ୍ଦ୍ର ଆକାଉଣ୍ଟରେ ଜମା ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## ହାତୀମୁଣ୍ଡା ଜଙ୍ଗଲରେ କଲରାପତରିଆ ବାଘ

**ସତର୍କ ରହିବାକୁ ବନ ବିଭାଗର ନିବେଦନ**

ନୂଆଗାଁ ୬।୧ (ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ସେକ୍ସନର ହାତୀମୁଣ୍ଡା ଜଙ୍ଗଲରେ ଏକ କଲରାପତରିଆ ବାଘ ବୁଲୁଛି । ବାଘର ପାଦ ଚିହ୍ନରୁ ଏକଥା ସ୍ପଷ୍ଟ ହୋଇଛି। ବନ ବିଭାଗ କର୍ମଚାରୀମାନେ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ବାଘର ପାଦ ଚିହ୍ନ ଦେଖିବାକୁ ପାଇଥିଲେ । ମହିତମା ସେକ୍ସନର କର୍ମଚାରୀମାନେ ସାହସର ସହ ହାତୀମୁଣ୍ଡା ଜଙ୍ଗଲୁ ଯାଇ ପାଦ ଚିହ୍ନ ଦେଖି ବାଘର ଗତିବିଧି ଲକ୍ଷ୍ୟ କରିବା ସହ ସ୍ୟାଟଲାଇଟ୍ ମ୍ୟାପିଂ କରିଥିଲେ । ତେଣୁ ଜାଳେଣି କାଠ ଆଣିବା କିମ୍ବା ଅନ୍ୟ କୌଣସି କାମ ପାଇଁ ଜଙ୍ଗଲକୁ ନ ଯିବାକୁ ମହିତମା ବନପାଳ ରାକେଶ କୁମାର ସାହୁ ସ୍ଥାନୀୟ ଲୋକମାନଙ୍କୁ ସତର୍କ କରାଇ ଦେଇଛନ୍ତି ।

## ନୟାଗଡ଼ ଜିଲାରୁ ୧୪ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୬।୧

ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ନୟାଗଡ଼ ଜିଲାରେ ଏହାର ପ୍ରକୋପ ଦେଖିବାକୁ ମିଳିଛି । ଜିଲାର ଖଣ୍ଡପଡ଼ା ବ୍ଲକରେ ୩, ନୂଆଗାଁରେ ୭, ରଣପୁର ୨, ଓଡ଼ଗାଁ ଓ ନୟାଗଡ଼ ପୌରାଞ୍ଚଳରେ ଜଣେ ଲେଖାଏ ଏପରି ୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ସୂଚନା ଲୋକସମ୍ପର୍କବିଭାଗ ରିପୋର୍ଟରୁ ସୂଚନା ମିଳିଛି।

# ମିଶନ ଶକ୍ତି ଗୃହ ପାଇଁ ଶିଳାନ୍ୟାସ

ନୟାଗଡ଼ ଅଫିସ,୬।୧

ଜିଲା ସଦର ମହକୁମାର ତ୍ରିନାଥ ଛକଠାରେ ମିଶନ ଶକ୍ତିଗୃହ ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି । ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଯୋଗ୍‌ଦେଇଥିଲେ । ନୟାଗଡ଼ ମ୍ୟୁନିସିପାଲିଟିର ୧୬ଟି ୱାର୍ଡରେ ୧୬ଟି ମିଶନ ଶକ୍ତି ଗୃହ ନିର୍ମାଣ ହେବ। ତ୍ରିନାଥ ଛକଠାରେ ମିଶନ ଶକ୍ତି ଗୃହ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ ଚେୟାରମ୍ୟାନ ଗୋଲାପ ଦଳବେହେରା, ଉପାଧକ୍ଷ ସୁବାସ କଅଁର, ନୟାଗଡ଼ ବିଡିଓ ଭିକାରୀ ସାହୁ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ଜେନା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କିଶୋର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।


ମନ୍ତ୍ରୀ ଅରୁଣ ସାହୁ ମିଶନ ଶକ୍ତି ଗୃହର ଶିଳାନ୍ୟାସ କରୁଛନ୍ତି।

# ଦୁଇ ପକ୍ଷ ଡିପୋଜିଟ୍ କରିଛନ୍ତି ହୋଲଡିଂ ଟ୍ୟାକ୍ସ

ନୟାଗଡ଼ ଅଫିସ,୬।୧



**ଓଲ୍ଡ ହଷ୍ଟେଲ ମାଲିକାନା ପ୍ରସଙ୍ଗ**

- ମହାବିଦ୍ୟାଳୟର ସମ୍ପତ୍ତି ବୋଲି ପ୍ରମାଣ ଉପସ୍ଥାପନ କଲେ ଅଧକ୍ଷ

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସମ୍ପତ୍ତି ଓଲ୍ଡ ହଷ୍ଟେଲ ମାଲିକାନାକୁ ନେଇ ବିବାଦ ଦେଖା ଦେଇଛି । ଓଲ୍ଡ ହଷ୍ଟେଲ ପାଇଁ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ନୟାଗଡ଼ ରାଜ ପରିବାରର ବୀରେନ୍ଦ୍ର କୁମାର ସିଂ ନୟାଗଡ଼ ଏନ୍‌ଏସିରେ ହୋଲଡିଂ ଟ୍ୟାକ୍ସ ଡିପୋଜିଟ୍ କରିବାର ପ୍ରମାଣ ମିଳିବା ପରେ ହଷ୍ଟେଲ ଜମିର ମାଲିକାନା ନେଇ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂ ମାନ୍ଧତା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଓଲ୍ଡ ହଷ୍ଟେଲ ଜମି ବିକ୍ରି କରିଥିଲେ । ଯାହାର କବଲା ନୟାଗଡ଼ କଲେଜରେ ଅଛି । ପୂର୍ବରୁ ଓଲ୍ଡ ହଷ୍ଟେଲକୁ ଛାତ୍ର ଓ କର୍ମଚାରୀଙ୍କ ଆବାସିକ କ୍ୱାର୍ଟର୍ସ ଭାବେ ବ୍ୟବହାର କରାଯାଉଥିଲା । ତେବେ ସେହି ହଷ୍ଟେଲ ଭଗ୍ନ ଅବସ୍ଥାକୁ ଆସିଯିବାରୁ କେବଳ କଲେଜର କର୍ମଚାରୀ ରହୁଛନ୍ତି । ଏଭଳିସ୍ଥଳେ ନୟାଗଡ଼ର ଆଇନଜୀବୀ ରଣଜିତ୍ ଦାଶ ସୂଚନା ଅଧିକାର ଆଇନ ବଳରେ କଲେଜର ସ୍ଥାବରଅସ୍ଥାବର ସମ୍ପତ୍ତି ସଂକ୍ରାନ୍ତରେ ତଥ୍ୟ ମାଗିଥିଲେ। ସେହି ରିପୋର୍ଟରେ କଲେଜ ସମ୍ପତ୍ତି ତାଲିକାରେ ଓଲ୍ଡ ହଷ୍ଟେଲର ନାଁ ନ ଥିବାରୁ ବିବାଦ ମୁଣ୍ଡ ଟେକିଥିଲା । ଓଲ୍ଡ ହଷ୍ଟେଲ ଜମି କାହାର ବୋଲି ପ୍ରଶ୍ନ ଉଠିଥିଲା । ନୟାଗଡ଼ ଏନଏସିରେ ରାଜ ପରିବାର ପକ୍ଷରୁ ହୋଲ୍ଡିଂ ଟ୍ୟାକ୍ସ ଦିଆଯାଉଥିବ ରସିଦ୍ ମିଳିବା ପରେ ହଷ୍ଟେଲର ମାଲିକାନା ନେଇ ପ୍ରଶ୍ନ ଉଠିଥିଲା । ଏନେଇ ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ସୁରେଶ ପ୍ରଧାନ କୁହନ୍ତି, ଓଲ୍ଡ ହଷ୍ଟେଲ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଥିଲା ଓ ଆଗକୁ ରହିବ । ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଚିଠି ନଂ. ୨୧୮୬, ୨୭।୧୧।୨୦୨୦ ଅନୁସାରେ ୧୯୯୪–୯୫ରୁ ୨୦୨୦–୨୧ପର୍ଯ୍ୟନ୍ତ ୨୭ ବର୍ଷର ହୋଲଡିଂ ଟ୍ୟାକ୍ସ ସମେତ ଅନ୍ୟ ଟିକସ ବାବଦରେ ୧୬ ହଜାର ୩୪୬ ଟଙ୍କା ୪୦ ପଇସା ଡିପୋଜିଟ୍ କରିବାକୁ ଚିଠି ମିଳିଥିଲା । ପରେ ମହାବିଦ୍ୟାଳୟ ପକ୍ଷରୁ ୭।୧।୨୦୨୧ରେ ଚେକ୍ ଦିଆ ଯାଇଥିଲା । ମ୍ୟୁନିସିପାଲିଟି ଚେକ୍ ପାଇବା ପରେ ୨୫।୧। ୨୦୨୧ରେ ରସିଦ୍ ନଂ. ୩୮୫ରେ ୧୬ ହଜାର ୩୪୭ ଟଙ୍କାର ରସିଦ୍ ଦେଇଛି । ଅନ୍ୟପକ୍ଷେ ଆମ ପାଖରେ ବିକ୍ରି ସମୟର କବଲା ଅଛି। ପୁଣି ପଟ୍ଟା ଦାଖଲ ଖାରଜ ହୋଇ ଯାଇଛି । ସେହିଭଳି ରାଜା କୃଷ୍ଣଚନ୍ଦ୍ର ସିଂ ମାନ୍ଧତା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଓଲ୍ଡ ହଷ୍ଟେଲ ଜମି ବିକ୍ରି କଲାବେଳେ ମହାବିଦ୍ୟାଳୟର ହଷ୍ଟେଲ ନ ଥିଲା । ସେହି ସମୟରେ ବର୍ତ୍ତମାନର ଓଲ୍ଡ ହଷ୍ଟେଲ ନିଉ ହଷ୍ଟେଲର ମାନ୍ୟତା ପାଇଥିଲା । ମହାବିଦ୍ୟାଳୟ ପରିସରରେ ହଷ୍ଟେଲ ନିର୍ମାଣ ପରେ ତାହା ଓଲ୍ଡ ହଷ୍ଟେଲର ମାନ୍ୟତା ପାଇଲା । ଏନେଇ ଆଇନଜୀବୀ ଦାଶ ସୂଚନା ଆଇନ ଅନୁସାରେ ଯେଉଁ ତଥ୍ୟ ମାଗିଥିଲେ ତାହା ମୋ ସମୟର ନ ଥିଲା । ସେ କଲେଜର କିଛି ତଥ୍ୟ ମାଗିବା ସହ ମହାବିଦ୍ୟାଳୟର ରେକର୍ଡ ଜମି ନେଇ ତଥ୍ୟ ମାଗିଥିଲେ । ଓଲ୍ଡ ହଷ୍ଟେଲ ଜମି ମହାବିଦ୍ୟାଳୟ ନାଁରେ ନ ଥିବାରୁ ତତ୍କାଳୀନ ସୂଚନା ଅଧିକାରୀ ଦେଇ ନ ଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଆଇନଜୀବୀ ଦାଶ କୁହନ୍ତି, ମୁଁ ସୂଚନା ଆଇନରେ ପାଇଥିବା ତଥ୍ୟରେ ଦେଖିଲି ଓଲ୍ଡ ହଷ୍ଟେଲର ନାଁ ନାହିଁ । ପୁଣି ଦେଖିଲି ନୟାଗଡ ଏନଏସିର ରସିଦ୍ ନଂ. ୧୯୯ରେ ୧୩ହଜାର ୧୭୭ ଟଙ୍କା ହୋଲଡିଂ ଟ୍ୟାକ୍ସ ନୟାଗଡ଼ ରାଜ ପରିବାରର ବୀରେନ୍ଦ୍ର କୁମାର ସିଂଙ୍କ ନାଁରେ ରହିଛି । ଏଥିରେ ୧୯୯୪–୯୫ରୁ ୨୦୧୫–୧୬ ପର୍ଯ୍ୟନ୍ତ ହୋଲଡିଂ ଟ୍ୟାକ୍ସ ରହିଛି । ମହାବିଦ୍ୟାଳୟର ଏହି ମୂଲ୍ୟବାନ ଜମି ଅନ୍ୟକେହି ନେଇ ଯିବା ଭାବି ପୁରାତନ ଛାତ୍ର ହିସାବରେ ପ୍ରତିବାଦ କରିଛି । ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କୁହନ୍ତି, ନୟାଗଡ଼ ମହାବିଦ୍ୟାଳୟ ଦଖଲରେ ଥିବା ଓଲ୍ଡ ହଷ୍ଟେଲର ହୋଲଡିଂ ଟ୍ୟାକ୍ସ ବୀରେନ୍ଦ୍ର କୁମାର ସିଂ ଡିପୋଜିଟ୍ କରିଥିଲେ । ହେଲେ ଏହି ଡିପୋଜିଟ୍ ମୋ ସମୟରେ ହୋଇ ନ ଥିଲା । ଯାଞ୍ଚ ପରେ ଜଣାପଡିଥିଲା ଏନ୍‌ଏସିକୁ ଭୁଲ ତଥ୍ୟ ଦେଇ ଓଲ୍ଡ ହଷ୍ଟେଲ ପାଇଁ ହୋଲଡିଂ ଟ୍ୟାକ୍ସ ଡିପୋଜିଟ୍ ହୋଇଛି। ଏହାପରେ ମହାବିଦ୍ୟାଳୟକୁ ଚିଠି କରି ହୋଲଡିଂ ଟ୍ୟାକ୍ସ ଡିପୋଜିଟ୍ କରିବାକୁ କୁହାଯାଇଥିଲା । ମହାବିଦ୍ୟାଳୟ ଡିପୋଜଟ୍ କରି ସାରିଛି । ଏବେ ଉକ୍ତ ସମ୍ପତ୍ତି ନୟାଗଡ଼ ମହାବିଦ୍ୟାଳୟର । ଅନ୍ୟପକ୍ଷେ ବୀରେନ୍ଦ୍ର କୁମାର ସିଂଙ୍କୁ ଟଙ୍କା ଫେରସ୍ତ ନେଇ ଯିବା ପାଇଁ ନୋଟିସ୍ ହୋଇଛି । ହେଲେ ଏଯାବତ କେହି ନେଇ ନାହାନ୍ତି । ନୋଟିସ୍‌ରେ କୁହାଯାଇଥିଲା ଯଦି କିଛି ସମସ୍ୟା ଅଛି ଜିଲାପାଳଙ୍କ କୋର୍ଟକୁ ଆପଣ ଯାଇ ପାରିବେ ବୋଲି ସେ କହିଛନ୍ତି ।